ସକାଳ THE SAKALA
# ସିନ୍ଦୂରା
ରବିବାର
ଜୁନ୍ ୨୮-ଜୁଲାଇ ୦୪, ୨୦୨୬
www.sakalaepaper.com

- ଦେବସ୍ନାନ ପୂର୍ଣ୍ଣିମାରେ ମଠର ଭୂମିକା
- ଶ୍ରୀଜୀଉଙ୍କ ଗଜାନନ ବେଶ
- ସାମାଜିକ -ସାଂସ୍କୃତିକ ଗୁରୁତ୍ୱ
- ଅନବସର ନୀତିକାନ୍ତି
- ଅଲାରନାଥ ଓ ପଟିଦିଅଁ ଦର୍ଶନ

ଜଗତର ନାଥ ଶ୍ରୀଜଗନ୍ନାଥ । ସେ ଲୀଳାମୟ, ମାନବୀୟ ଠାକୁର । ବିଚିତ୍ର ତାଙ୍କର ମାନବୀୟ ଲୀଳା । ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣିମା ଅନ୍ୟତମ । ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ରତ୍ନସିଂହାସନ ଛାଡ଼ି ମହାପ୍ରଭୁ ଓହ୍ଲାଇ ଆସନ୍ତି ସ୍ନାନବେଦୀକୁ । ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ ଗରା ଅଭିମନ୍ତ୍ରିତ ଜଳରେ ସ୍ନାନ କରନ୍ତି ଶ୍ରୀଜୀଉମାନେ । ଏହି ଦିନ ମହାପ୍ରଭୁଙ୍କ ଗଜାନନ ବେଶ ଦର୍ଶନ କଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ତେବେ ଦେବସ୍ନାନ ପୂର୍ଣ୍ଣିମା ପରେ ଜ୍ୱରରେ ପୀଡ଼ିତ ହୁଅନ୍ତି ଶ୍ରୀଜୀଉମାନେ । ତେଣୁ ଅଣସର ସମୟରେ ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ଉପଚାର କରାଯାଏ । ଏଇ ପରିପ୍ରେକ୍ଷୀରେ ସ୍ନାନ ପୂର୍ଣ୍ଣିମାର ମହତ୍ତ୍ୱ, ଅଣସରରେ ଶ୍ରୀଜୀଉଙ୍କ ନୀତିକାନ୍ତି, ଅଲରାନାଥ ଓ ପଟିଦିଅଁ ଦର୍ଶନକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ ।

ପ୍ରସ୍ତୁତି 'ସକାଳ' ବ୍ୟୁରୋ



# ଦେବସ୍ନାନ ପୂର୍ଣ୍ଣିମା

## ସ୍ନାନଯାତ୍ରାର ବିଧି

ସ୍ନାନଯାତ୍ରାର ବିଧି ଅତ୍ୟନ୍ତ ଶୃଙ୍ଖଳିତ, ଭାବୋଦ୍ଦୀପକ ଓ ଆଧ୍ୟାତ୍ମିକ ଚେତନାସିକ୍ତ । ସ୍ନାନଯାତ୍ରା ପୂର୍ବରୁ ବିଦ୍ୟାପତିଙ୍କ ଜଗନ୍ନାଥ ସେବା ନିଯୁକ୍ତି ଥିବାବେଳେ ସ୍ନାନଯାତ୍ରା ସମୟରେ ଦଇତାପତି ଓ ବାଡ଼ଗ୍ରାହୀଙ୍କ ସେବା ପ୍ରାରମ୍ଭିତ ହୁଏ । ସ୍ନାନପୂର୍ଣ୍ଣିମାର ବିଧି ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ବଡ଼ସିଂହାର ଭୋଗ ଓ ପହୁଡ଼ ଆଳତିରୁ ଆରମ୍ଭ ହୁଏ । ଏହାପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମୁଖକୁ ଖଣ୍ଡୁଆପାଟ ଦ୍ୱାରା ଆଚ୍ଛାଦିତ କରାଯାଏ । ଏହି ବିଧିକୁ 'ଶ୍ରୀମୁଖ ଖଣ୍ଡୁଆ' କହନ୍ତି । ଏହାପରେ ଗୁପ୍ତରୀତି ଆରମ୍ଭ ହୋଇ ବାହୁଟକଣ୍ଠ କରି କୋଠା ସୁଆଁସିଆ ସେବକମାନଙ୍କ ଦ୍ୱାରା ଗର୍ଭଗୃହରେ ଚାରବନ୍ଧା କାର୍ଯ୍ୟ କରାଯାଏ । ଚତୁର୍ଦ୍ଦଶୀ ତିଥିରେ ପ୍ରତ୍ୟୁଷରେ ଦଇତାପତି ଓ ବାଡ଼ଗ୍ରାହୀ ସେବାୟତଗଣ ସେନାପଟା ଲାଗି ନୀତି ଆରମ୍ଭ କରି ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କୁ ବୀରବେଶରେ ସଜ୍ଜିତ କରିଥାନ୍ତି । ଦେବସ୍ନାନ ପୂର୍ଣ୍ଣିମା ଦିବସ ପ୍ରତ୍ୟୁଷରୁ ମଙ୍ଗଳାର୍ପଣ ନୀତି ଆରମ୍ଭ ହୁଏ । ପୂଜାପଣ୍ଡାଙ୍କ ଦ୍ୱାରା ମଙ୍ଗଳନୀତି କଲା ପରେ ଦଇତାପତିଗଣ ସୁଦର୍ଶନଙ୍କୁ ପହଣ୍ଡି କରି ସାତପାହାଚରେ ରଖିଥାନ୍ତି । ଏହାପରେ ଘଣ୍ଟ, ଘଣ୍ଟି, ତୁରୀ ତାଳେ ତାଳେ ଶ୍ରୀଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କ ଧାଡ଼ି ପହଣ୍ଡି ହୋଇ ସାତ ପାହାଚରେ ପହଞ୍ଚିଲେ ରାଘବ ଦାସ ମଠ ଦ୍ୱାରା ପ୍ରଦତ୍ତ ଟାହିଆ ଓ ଚୂଳ ଲାଗି ହୁଏ । ସେହିପରି ଅନ୍ୟାନ୍ୟ ମଠ ଓ ବ୍ୟକ୍ତିଗତ ଅନୁଷ୍ଠାନ ତରଫରୁ ପନ୍ତିଭୋଗର ଆୟୋଜନ ହୋଇଥାଏ ।

## ସୁନା କୂପ

ସ୍ନାନ ପୂର୍ଣ୍ଣିମା ପୂର୍ବରୁ ସ୍ନାନ ମଣ୍ଡପକୁ ପ୍ରତିହାରୀ ସେବକମାନଙ୍କ ଦ୍ୱାରା ଜଳଶୋଧ କରାଯାଇ ଆରକ୍ଷୀ ବାହିନୀ ଦ୍ୱାରା ସୁରକ୍ଷିତ ରଖାଯାଇ କୌଣସି ବାହ୍ୟ ପ୍ରବେଶକୁ ନିଷିଦ୍ଧ କରାଯାଏ । ଶ୍ରୀଜଗନ୍ନାଥଙ୍କ ସହ ଚତୁର୍ଦ୍ଧାମୂର୍ତ୍ତି ଏହି ମଣ୍ଡପରେ ବିରାଜମାନ କଲେ କେବଳ ପୂଜାପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଜଳଲାଗି କରାଯାଏ । ଏହି ଜଳକୁ ଦଇତାପତିମାନେ ଉପସ୍ଥିତ ଥିଲେ ମଧ୍ୟ ସ୍ପର୍ଶ କରିବେ ନାହିଁ । କେବଳ ଗରାବଡୁ ସେବକମାନେ ଏହି ଜଳଗଡୁକୁ ସ୍ପର୍ଶ କରିବେ । ସ୍ନାନ ପୂର୍ଣ୍ଣିମାରେ ଜଳ କୂପରୁ ଅଣାଯାଇଥାଏ । ଏହି କୂପ ଜଗନ୍ନାଥ ସତ୍ତ୍ୱଲିପିର ବର୍ଣ୍ଣିତ ୨୮୪ ନମ୍ବର ପ୍ଲଟରେ ଅବସ୍ଥିତ, ଯାହାକି ଅନଙ୍ଗଭୀମଦେବ ତୃତୀୟ (ଖ୍ରୀ.୧୨୧୧ରୁ ୧୨୩୮)ଙ୍କ ଦ୍ୱାରା ଖୋଦିତ । ବଉଳା ପଥରରେ ନିର୍ମିତ ଏହି କୂପର ଗଭୀରତା ୮୦ ଫୁଟ ଓ ବ୍ୟାସ ୫ ଫୁଟ ଅଟେ । କିମ୍ବଦନ୍ତୀ ଅନୁସାରେ (ବାମସଂହିତା) ଏହି କୂପରେ ନାନା ତୀର୍ଥର ଜଳ ସମାହିତ ହୋଇଛି । ଏହି କୂପକୁ ସ୍ନାନପୂର୍ଣ୍ଣିମା ପୂର୍ବଦିନ ଦୟଣାମାଳି ସେବକ ପରିଷ୍କାର କରିଥାନ୍ତି । ସ୍ନାନପୂର୍ଣ୍ଣିମା ପାଇଁ ୧୦୮ ଗଡୁ ଜଳ ନେବା ପରେ ପୁଣି ଏହି କୂପକୁ ବନ୍ଦ କରାଯାଏ । କେବଳ ଏହାର ଉପର ଢାଙ୍କୁଣିରେ ଏକ ଛିଦ୍ର ଥାଏ ଯାହା ଦେଇ ଭକ୍ତମାନେ ଏହି କୂପର ଦର୍ଶନ କରିଥାନ୍ତି ।



ଡ. (ଇଂ.) ସଞ୍ଜୟ କୁମାର ପଣ୍ଡା

ମାନବ ଦେବତା ଜଗନ୍ନାଥ କଳିକାଳରେ ଶ୍ରୀପୁରୁଷୋତ୍ତମ ରୂପେ ଶ୍ରୀକ୍ଷେତ୍ରରେ ଆବିର୍ଭୂତ ହୋଇ ମାନବୀୟ ଲୀଳାଖେଳା କରି ସମଗ୍ର ଓଡ଼ିଆ ଜାତିର ମଉଡ଼ମଣି ହୋଇ ଆଶିଷ ପ୍ରଦାନ କରୁଛନ୍ତି । ଶ୍ରୀମନ୍ଦିରରେ ପାଳିତ ହେଉଥିବା ବାରଯାତ୍ରା ଏହାର ସ୍ପଷ୍ଟ ନିଦର୍ଶନ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବିଶ୍ୱବ୍ରହ୍ମାଣ୍ଡର ସମସ୍ତ ଭକ୍ତଙ୍କୁ ଦର୍ଶନ ଦେଇ ମୋକ୍ଷ ପ୍ରଦାନ କରିବାକୁ ରଥଯାତ୍ରାରେ ପ୍ରତ୍ୟେକ ବର୍ଷ ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଶ୍ରୀଗୁଣ୍ଡିଚା ଯାତ୍ରା କରନ୍ତି । ଏହି ପବିତ୍ର ଯାତ୍ରାର ପୂର୍ବଯାତ୍ରା ହିଁ ସ୍ନାନ ଯାତ୍ରା, ଯାହାକି ଶ୍ରୀଜଗନ୍ନାଥଙ୍କ ଜନ୍ମତିଥି ପାଳନ ରୂପେ ସୁପ୍ରସିଦ୍ଧ । ଶ୍ରୀମନ୍ଦିର ଭିତରେ ଅବସ୍ଥିତ ଅନେକ ମଣ୍ଡପ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଲୀଳାର ମୂକସାକ୍ଷୀ, ତନ୍ମଧ୍ୟରୁ ସ୍ନାନ ମଣ୍ଡପ ବା ସ୍ନାନବେଦୀର ମହତ୍ତ୍ୱ ଅନନ୍ୟ । ଏହି ସ୍ନାନ ମଣ୍ଡପରେ ପୂର୍ବାଭିମୁଖୀ ହୋଇ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ ଦର୍ଶନ ମୋକ୍ଷ ପ୍ରଦାନକାରୀ । ଦେବସ୍ନାନ ପୂର୍ଣ୍ଣିମା, ପାରମ୍ପରିକ ରୀତିନୀତି, ସ୍ନାନବେଦୀର ନିର୍ମାଣ ଶୈଳୀ ଆଦିକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

## ସ୍ନାନ ମଣ୍ଡପ

ଇତିହାସ ପୃଷ୍ଠା ଅବଲୋକନ କଲେ ଜ୍ଞାତ ହୁଏ ଯେ ପୂର୍ବରୁ ଏକ କାଷ୍ଠନିର୍ମିତ ମଞ୍ଚରେ ଶ୍ରୀମନ୍ଦିର ଭିତର ବେଢ଼ାରେ ସ୍ନାନ ମଣ୍ଡପ ଥିଲା । ଅଧୁନା ଏହି ସ୍ଥାନରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ (ପ୍ରତିହାରୀ ନିଯୋଗ ଓ ବିମାନ ସରଘର) ରହିଛି । କପିଳେନ୍ଦ୍ର ଦେବ ଶ୍ରୀମନ୍ଦିରର ବାହାର ବେଢ଼ା ନିର୍ମାଣ କଲାବେଳେ ଅନେକ ମନ୍ଦିର, ସରଘର ଆଦି ନିର୍ମାଣ କରିଥିଲେ । ପରବର୍ତ୍ତୀ କାଳରେ ଆନନ୍ଦବଜାରର ଉତ୍ତର ଦିଗରେ ଏକ ସ୍ନାନ ମଣ୍ଡପ ନିର୍ମିତ ହେଲା । ଖ୍ରୀଷ୍ଟାବ୍ଦ ଅଷ୍ଟାଦଶ ଶତାବ୍ଦୀରେ ମଣ୍ଡପରେ ପାହାଚ ଭୋଇ ବଂଶ ରାଜା ବୀରକେଶରୀ ଦେବ ନିର୍ମାଣ କଲେ । ଏହାପରେ ତତ୍କାଳୀନ ପ୍ରଶାସକ ପରମାନନ୍ଦ ତ୍ରିପାଠୀ ସ୍ନାନବେଦୀର ପୁନରୁଦ୍ଧାର କରି ଲୌହ ପାଇପର ବେଢ଼ା ନିର୍ମାଣ କଲେ । ବର୍ତ୍ତମାନ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ପ୍ଲଟ ନଂ-୧୪୮ ରେ ସ୍ନାନ ମଣ୍ଡପ ମନ୍ଦିରର ଐଶାନ୍ୟ କୋଣରେ ଅବସ୍ଥିତ । ପୂର୍ବାଭିମୁଖୀ ସ୍ନାନ ମଣ୍ଡପ ଏକ ବର୍ଗକ୍ଷେତ୍ର ଅଟେ ଯାହାର ବାହୁ ୫୪ଫୁଟ ୬ଇଞ୍ଚ ରହିଛି ଓ ଏହାର ଉଚ୍ଚତା ଆନନ୍ଦବଜାର ଭୂମିଠାରୁ ପ୍ରାୟ ଛ›ଫୁଟ ଛ›ଇଞ୍ଚ ରହିଛି । ଏହି ମଣ୍ଡପରେ ଚାରୋଟି ପାହାଚ ପରେ ପଞ୍ଚମ ପାବଚ୍ଛରେ ଶ୍ରୀବିଗ୍ରହମାନଙ୍କ ଆସ୍ଥାନ ପିଣ୍ଡି ରହିଛି । ଶ୍ରୀଜଗନ୍ନାଥଙ୍କ ପିଣ୍ଡିର ବ୍ୟାସ ୫ଫୁଟ ୬ ଇଞ୍ଚ, ବଳଭଦ୍ରଙ୍କ ୪ଫୁଟ ୮ ଇଞ୍ଚ, ସୁଭଦ୍ରାଙ୍କ ୪ଫୁଟ ୧୦ ଇଞ୍ଚ ରହିବା ବେଳେ ସମସ୍ତ ପିଣ୍ଡିର ଉଚ୍ଚତା ୮ ଇଞ୍ଚ ରହିଛି । ଏହି ଆସ୍ଥାନ ପିଣ୍ଡିର ପୃଷ୍ଠଭାଗରେ ୨୦ ଫୁଟ ୯ ଇଞ୍ଚ ଦୈର୍ଘ୍ୟ ଓ ୧୦ ଫୁଟ ଉଚ୍ଚର ଏକ ପ୍ରଭା କାନ୍ଥ ରହିଛି ଯାହାର ମୋଟ ୨ଫୁଟ ୧ ଇଞ୍ଚ ରହିଛି । ଏହି ଆସ୍ଥାନ ପିଣ୍ଡି ଆନନ୍ଦବଜାର ଚଟାଣଠାରୁ ୧୧ଫୁଟ ଉଚ୍ଚରେ ନିର୍ମିତ । ଏହି କାନ୍ଥ ପଛ ପାର୍ଶ୍ୱର ଉଭୟ ପାର୍ଶ୍ୱରେ ତଳକୁ ଓହ୍ଲାଇବାକୁ ଦୁଇଟି କ୍ଷୁଦ୍ର ପାବଚ୍ଛ ବିଦ୍ୟମାନ । ପ୍ରଭା କାନ୍ଥରେ ୬ଟି କାଷ୍ଠ ନିର୍ମିତ ଅଞ୍ଜନା ଖୁଣ୍ଟି ସ୍ଥାପିତ ହୋଇଛି । ଆସ୍ଥାନ ପିଣ୍ଡିର ଦୈର୍ଘ୍ୟ ୨୪ଫୁଟ ଓ ପ୍ରସ୍ଥ ୫ଫୁଟ ଥିବାବେଳେ ଏହାର ଉତ୍ତର ଦିଗକୁ ସ୍ନାନ ଜଳ ନିଷ୍କାସନ ନିମନ୍ତେ ଏକ ନାଳ ରହିଛି । ସ୍ନାନ ମଣ୍ଡପର ଉତ୍ତର ଓ ଦକ୍ଷିଣ ଦିଗରେ ମଧ୍ୟ ଆତଯାତ ନିମନ୍ତେ ପାବଚ୍ଛ ବିଦ୍ୟମାନ । ସ୍ନାନ ମଣ୍ଡପରେ ବିଭିନ୍ନ ଲୌହ ପାଇପ ୬୫ ଖଣ୍ଡ ଖଞ୍ଜା ଯାଇଛି ଯାହା ଚାନ୍ଦୁଆବନ୍ଧା ଓ ଅନ୍ୟାନ୍ୟ କାର୍ଯ୍ୟ କରାଯାଏ । ଉତ୍ତର ଦିଗରେ ୧୧ ଫୁଟ ଲମ୍ବ, ଅଢ଼େଇ ଫୁଟ ପ୍ରସ୍ଥ ଓ ୧୦ ଇଞ୍ଚ ଉଚ୍ଚର ଆଠଗୋଟି ପାବଚ୍ଛ ଓ ଦକ୍ଷିଣ ଦିଗରେ ୧୪ଫୁଟ ଦୈର୍ଘ୍ୟ, ସାଢ଼େ ତିନିଫୁଟ ପ୍ରସ୍ଥ ଓ ୬ଇଞ୍ଚ ଉଚ୍ଚର ସାତୋଟି ପାବଚ୍ଛ ରହିଛି । ସ୍ନାନ ମଣ୍ଡପର ପ୍ରଭା କାନ୍ଥରେ ସ୍ନାନପୂର୍ଣ୍ଣିମା ପୂର୍ବଦିନମାନଙ୍କରେ ପଦ୍ମ, ଓଲଟ ପଦ୍ମ, ଚାରିବିଗ୍ରହଙ୍କ ଚିତ୍ର ବିଭିନ୍ନ ରଙ୍ଗରେ ଅଙ୍କିତ ଥିବାବେଳେ ଅନ୍ୟୁନ୍ୟ ୧୪ଗୋଟି ଚାନ୍ଦୁଆ ଯାହା ୧୦ଫୁଟ ଓ ତିରିଶ ଫୁଟ ମାପର ହୋଇଥାଏ ଏଠାରେ ବ୍ୟବହାର କରାଯାଏ । ଏଥିସହ ବିଭିନ୍ନ ରଙ୍ଗୀନ ଆଲୋକସଜ୍ଜା ଓ ପୁଷ୍ପମାଳ ସଜ୍ଜା ମଣ୍ଡପର ସୌନ୍ଦର୍ଯ୍ୟକୁ ବିବର୍ଦ୍ଧିତ କରିଥାଏ ।



## ୧୦୮ ଗଡୁ ଜଳରେ ସ୍ନାନ

ସୁନା କୂପରୁ ୧୦୮ ଜଳ ସଂଗ୍ରହ କରି ଗରାବଡୁ ସେବକ ତହିଁରେ ଚନ୍ଦନ, ଅଗୁରୁ, କର୍ପୂର ଆଦି ମିଶ୍ରଣ କରି ଆନନ୍ଦବଜାରର ଚାହାଣୀ ମଣ୍ଡପ ପାର୍ଶ୍ୱସ୍ଥ ଏକ ବାଉଁଶ ନିର୍ମିତ ତାଟିର ଅଧିବାସ ଗୃହରେ ସୁରକ୍ଷିତ ରଖିଥାନ୍ତି । ଏହି ଗଡୁମାନଙ୍କ ମୁଖକୁ ଶୁକ୍ଳବସ୍ତ୍ର ଦ୍ୱାରା ବନ୍ଦ କରି ତା'ର ଉପରେ ଏକ ପୂର୍ଣ୍ଣକୁମ୍ଭ ସଦୃଶ ନାରିକେଳ ରଖିଥାନ୍ତି । ଏହି ଅସ୍ଥାୟୀ ସରଘର ପୂର୍ବରୁ ବାଇଶି ପାହାଚରେ କରାଯାଉଥିଲା । ୧୦୮ ଗଡୁ ଜଳ ମଧ୍ୟରୁ ୩୫ ଗଡୁ, ୩୩ ଗଡୁ, ୨୨ ଗଡୁ ଓ ୧୮ ଗଡୁ ଯଥାକ୍ରମେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଜଳଲାଗି ନିମିତ୍ତ ଅଧିବାସ କରାଯାଇ ପାଳିଆ ପୂଜାପଣ୍ଡାଙ୍କ ଦ୍ୱାରା ପୂଜନ ହୁଏ । ସ୍ନାନ ମଣ୍ଡପରେ ରୋଷ ହୋମ, ସୂର୍ଯ୍ୟ ପୂଜା ଓ ଦ୍ୱାରପାଳ ପୂଜା ସମ୍ପାଦିତ ହୁଏ । ଏହାପରେ ପ୍ରତିହାରୀ ସେବକମାନେ ଜଳଲାଗି ପାଇଁ ମୁହଁରେ ଗାମୁଛା ବାନ୍ଧି ପ୍ରସ୍ତୁତ ହୋଇଥାନ୍ତି । ଘଣ୍ଟ, ଘଣ୍ଟି, ତୁରୀ ନାଦରେ ସମସ୍ତ ସ୍ନାନଜଳ ଗଡୁ ସ୍ନାନ ମଣ୍ଡପକୁ ଅଣାଯାଏ । ଏହି ଜଳକୁ ପାଳିଆ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ପୂଜା କଲା ପରେ ଗଡୁ ଉପରେ ଥିବା ଶ୍ୱେତ ଗାମୁଛା ଓ ନାରିକେଳ ବାହାର କରି ଦେବ ସ୍ନାନ ନିମନ୍ତେ ରଖାଯାଏ । ପ୍ରଥମେ ତିନିଗୋଟି ଗଡୁ ଯେଉଁଥିରେ ଷାଠିଏ ପ୍ରତିଶତ ଜଳ ଓ ଚାଳିଶ ପ୍ରତିଶତ ଚନ୍ଦନ, ଅଗୁରୁ ଓ କର୍ପୂର ମିଶ୍ରିତ ଥାଏ । ତାକୁ ଶ୍ରୀଜଗନ୍ନାଥଙ୍କ ଶିରରେ, ଅଧରରେ ଓ ପରେ ସର୍ବାଙ୍ଗ ଶରୀରରେ ପ୍ରଦାନ କରାଯାଏ ଭକ୍ତି ଭାବ ସହକାରେ । ଏହାପରେ ଅନ୍ୟ ଦେବତାଙ୍କୁ ଜଳସ୍ନାନ କରାଯାଇଥାଏ ।

## ସ୍ନାନ ମଣ୍ଡପରେ କଳା ଓ ଧଳା ଗଜାନନ



କିମ୍ବଦନ୍ତୀ ଅନୁଯାୟୀ ମହାରାଷ୍ଟ୍ରର ଗଣପତି ଭକ୍ତ ଗଣପତି ଭଟ୍ଟ ଶ୍ରୀପୁରୁଷୋତ୍ତମ କଳିଯୁଗର ଆରାଧ୍ୟ ଦେବତା ହୋଇଥିବା ଜ୍ଞାତ କରି ସୁଦୂର ମହାରାଷ୍ଟ୍ରରୁ ଶ୍ରୀକ୍ଷେତ୍ର ପରିଭ୍ରମଣରେ ଆସନ୍ତେ, ସଂଯୋଗକ୍ରମେ ଏହି ଦିନ ସ୍ନାନ ପୂର୍ଣ୍ଣିମା ଯୋଗଥାଏ । ମାତ୍ର ଶ୍ରୀଜଗନ୍ନାଥଙ୍କୁ ଶ୍ରୀଗଣେଶ ରୂପେ ଦର୍ଶନ କରିନପାରି ଗଣପତି ଭକ୍ତ ନିରାଶ ଚିତ୍ତରେ ଶ୍ରୀକ୍ଷେତ୍ର ପରିତ୍ୟାଗ କରି ସ୍ୱରାଷ୍ଟ୍ର ନିମନ୍ତେ ଗମନ କଲେ । ଭକ୍ତ ଭଗବାନ ଜଗନ୍ନାଥ ତାଙ୍କୁ ନିରାଶ ନକରି ନିଜ ମୁଦିରଥଙ୍କୁ ସ୍ୱପ୍ନାଦେଶ ଦେଇ ପୁନଶ୍ଚ ପୁରୀ ପ୍ରତ୍ୟାଗମନ କରାଇଲେ । ଗଣପତି ଭଟ୍ଟଙ୍କୁ ଭଗବାନ ନିଜ ଜନ୍ମତିଥି ଜ୍ୟେଷ୍ଠ ପୂର୍ଣ୍ଣିମାରେ ଗଜାନନ ବେଶରେ ଦର୍ଶନ ଦେବାରୁ ଶ୍ରୀଭଟ୍ଟ ପ୍ରଭୁଙ୍କ ସ୍ତୁତିଗାନ କଲେ । ସେହିଦିନଠାରୁ ଶ୍ରୀଜଗନ୍ନାଥଙ୍କ ସ୍ନାନ ପରେ ଅପରାହ୍ନରେ ଗଜାନନ ବେଶ କରାଯାଏ । ଏହିଦିନ ଦୁଇ ଭ୍ରାତା ଗଜାନନ ବେଶ ଧାରଣ କରୁଥିବାରୁ ଜଗନ୍ନାଥଙ୍କୁ କଳା ଗଣେଶ ଓ ବଳଭଦ୍ରଙ୍କୁ ଧଳା ଗଣେଶର ଆଖ୍ୟା ମିଳେ । ମଧ୍ୟ ଭାଗରେ ମାତା ସୀତାଙ୍କ ସୁରମ୍ୟ ଶକ୍ତି ସ୍ୱରୂପ ଭକ୍ତ ମନରେ ଗଭୀର ଭକ୍ତି ଭାବ ଜାଗ୍ରତ କରେ । ଐତିହାସିକ ପୃଷ୍ଠଭୂମି ଆଧାରରେ ବୌଦ୍ଧ ସଂସ୍କୃତିରେ ହସ୍ତୀର ଆଧ୍ୟାତ୍ମିକ ଭାବ ଯଥେଷ୍ଟ ରହିଛି । ଠିକ୍ ସେହିପରି ଗାଣପତ୍ୟଙ୍କ ମତରେ ସ୍ନାନ ଯାତ୍ରାରେ ଗଜାନନ ବେଶ ଶ୍ରୀଜଗନ୍ନାଥଙ୍କୁ ହିଁ ଗଣେଶ ସ୍ୱରୂପ ବିବେଚନା କରାଯାଏ । ସୁଦର୍ଶନ ଚକ୍ରକୁ ବୌଦ୍ଧ ସଂସ୍କୃତିରେ ଚକ୍ରର ସାମ୍ୟତା ଦର୍ଶାଇ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କୁ ତ୍ରିରତ୍ନ ଭାବେ ଦର୍ଶାଯାଏ । ଏପରି ଉତ୍ସୁକତା କେବଳ ଜଗନ୍ନାଥ ସଂସ୍କୃତିରେ ଦୃଶ୍ୟମାନ ହୁଏ ।

## ସୁଶୋଭିତ ଚତୁର୍ଦ୍ଧାମୂର୍ତ୍ତି

ଜଳସ୍ନାନ ନୀତି ସମ୍ପାଦିତ ହେଲା ପରେ ପୁଷ୍ପାଳକ ସେବକଗଣ ବସ୍ତ୍ର, ଆଭୂଷଣ, ପୁଷ୍ପମାଲ୍ୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁଶୋଭିତ କରିଥାନ୍ତି । ଏହାପରେ ଗଜପତି ମହାରାଜଙ୍କ ଦ୍ୱାରା ଛେରାପହଁରା ନୀତି ପାଳିତ ହୁଏ । ଗଜପତିଙ୍କ ଅନୁପସ୍ଥିତିରେ ମୁଦିରସ୍ତ ସେବକ ଛେରା ପହଁରା କରିବା ବିଧି ରହିଛି । ଏହି ନୀତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଜପତିଙ୍କୁ ନିମନ୍ତ୍ରଣ କରାଯାଏ । ଏହାପରେ ଗଜପତି ପଟୁଆର ଧରି ନିଜର ତାମଯାନରେ ବସି ଶ୍ରୀମନ୍ଦିର ଅଭିମୁଖେ ଯାଇଥାନ୍ତି । ଶ୍ରୀଜଗନ୍ନାଥଙ୍କ ଗଜାନନ ବେଶ ପାଇଁ ରାଘବଦାସ ମଠ ଓ ବଳଭଦ୍ରଙ୍କ ପାଇଁ ମହୀପ୍ରକାଶ ମଠରୁ ବେଶ ସାମଗ୍ରୀ ଆସି ଜଗମୋହନରେ ରଖାଯାଇଥାଏ ଯାହାକି ସ୍ନାନ ମଣ୍ଡପରେ ଲାଗିହୁଏ । ଗଜପତି ବାଇଶିପାବଚ୍ଛ ଦେଇ ସ୍ନାନ ମଣ୍ଡପରେ ପହଞ୍ଚି ଜଗନ୍ନାଥଙ୍କୁ ପ୍ରଣିପାତ ହୋଇ ଆଳତି, ପୁଷ୍ପାଞ୍ଜଳି, ସୁନା ଆଲଟ ଚାମର ସେବା କରନ୍ତି । ରାଜଗୁରୁ ସୁନାଖଡ଼ିକା ସଂସ୍କାର କରି ଗଜପତିଙ୍କୁ ଦେଲେ ଓ ଭଣ୍ଡାର ମେକାପ ସ୍ନାନବେଦୀ ସମ୍ମୁଖ ଭାଗରେ ପୁଷ୍ପ ବିଞ୍ଚିଲେ ଗଜପତି ଛେରାପହଁରା କରନ୍ତି । ଏହାପରେ ରାଜଗୁରୁଙ୍କ ଦ୍ୱାରା ଅଭିମନ୍ତ୍ରିତ ଜଳ ଭଣ୍ଡାର ମେକାପ ସିଞ୍ଚନ କରିଲା ପରେ ପୁନଶ୍ଚ ଗଜପତିଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ସମାପିତ ହୁଏ । ଏହି କାର୍ଯ୍ୟ ପୂର୍ବରୁ ଗଜପତିଙ୍କ ଦ୍ୱାରା ନିୟମିତ ହେଉନଥିଲା । କିନ୍ତୁ ବର୍ତ୍ତମାନ ବିଗତ ତିରିଶ ବର୍ଷରୁ ଊର୍ଦ୍ଧ୍ୱକାଳ ହେବ ଗଜପତି ଶ୍ରୀଦିବ୍ୟସିଂହ ଦେବ ନିୟମିତ ଛେରାପହଁରା କରୁଛନ୍ତି । ଛେରା ପହଁରା ପରେ ଭିତରଚ୍ଛ, ତଳୁଚ୍ଛ, ଖୁଣ୍ଟିଆ, ପୁଷ୍ପାଳକ ଓ ଦଇତାପତି ଆଦି ସେବକମାନେ ଗଜାନନ ବେଶ କରି ଜଗନ୍ନାଥଙ୍କ ଶ୍ରୀମୁଖରେ ଶ୍ରୀକର୍ପୂର ଲାଗି କରିଥାନ୍ତି । ସ୍ନାନବେଦୀକୁ ପହଣ୍ଡିରେ ଆସିଲାବେଳେ ଠାକୁରମାନେ କ୍ଳାନ୍ତ ଅନୁଭବ କରୁଥିବା ଚିନ୍ତି ସେବକମାନେ ଧୋପଖାଳ ନୀତି କରିଥାନ୍ତି । ଏହା ପରେ ବିଭିନ୍ନ ଭୋଗ ଲାଗି ପରେ ସାହାଣ ମେଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ।



## ସ୍ନାନ ଯାତ୍ରାର ମହତ୍ତ୍ୱ

ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ସ୍ନାନ ଯାତ୍ରାର ମହତ୍ତ୍ୱ ସର୍ବାଧିକ । ଏହିଦିନ ଆବାଳ, ବୃଦ୍ଧ, ବନିତା ପୂର୍ବ ଓ ଦକ୍ଷିଣାଭିମୁଖୀ ଶ୍ରୀବିଗ୍ରହଙ୍କୁ ଦର୍ଶନ କରି ମୋକ୍ଷପ୍ରାପ୍ତି କରନ୍ତି । ବଡ଼ଦାଣ୍ଡରୁ ସ୍ନାନଯାତ୍ରା ଦର୍ଶନ ନିମନ୍ତେ ବିଭିନ୍ନ ଜାତି, ଧର୍ମର ଲୋକ ଏକାକାର ହୋଇଥାନ୍ତି । ଏହି ଦେବସ୍ନାନ ପୂର୍ଣ୍ଣିମା ଜଗନ୍ନାଥଙ୍କ ଜନ୍ମତିଥି ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳା ସ୍ୱୟଂ ଦେବତାଗଣ ବୈକୁଣ୍ଠଧାମରୁ ଦର୍ଶନ ପାଇଁ ଅପେକ୍ଷା କରି ପୁଷ୍ପବର୍ଷା କରିଥାନ୍ତି । ଧାଡ଼ି ପହଣ୍ଡିରେ ସ୍ନାନମଣ୍ଡପରେ ବିରାଜମାନ ହେବା ଓ ବାହୁଡ଼ା ପହଣ୍ଡି ସମୟରେ ଗୋଟି ପହଣ୍ଡିରେ ଦକ୍ଷିଣାଭିମୁଖୀ ହୋଇ ଗରୁଡ଼ସ୍ତମ୍ଭକୁ ଯାଇ ବିଭୀଷଣ ବନ୍ଦାପନା ସମାପନ ହେବା ଏକ ଆଧ୍ୟାତ୍ମିକ ଦର୍ଶନ ନିଶ୍ଚିତ । ଏହାପରେ ଅସ୍ଥାୟୀ ଅଣସର ଗୃହରେ ଶ୍ରୀବିଗ୍ରହଙ୍କ ଗୁପ୍ତ ସେବା କେବଳ ଶାସ୍ତ୍ରୀୟ ଧାରାକୁ ସୂଚୀତ କରୁନାହିଁ ବରଂ ତନ୍ତ୍ରୀୟ ଠାକୁର ଶ୍ରୀଜଗନ୍ନାଥ ତାଙ୍କର ଏକାନ୍ତବାସରେ ମାତା ଲକ୍ଷ୍ମୀଙ୍କ ସହ ମିଳନର ତନ୍ତ୍ରଧାରାକୁ ଇଙ୍ଗିତ କରୁଛି । ରହସ୍ୟମୟ ତନ୍ତ୍ରାଧୀଶ ଶ୍ରୀଜଗନ୍ନାଥଙ୍କ ଲୀଳା ସର୍ବଧର୍ମ ସମନ୍ୱୟର ପ୍ରତୀକ ହୋଇଥିବାବେଳେ ଭକ୍ତ ଓ ଭଗବାନଙ୍କ ଐଶ୍ୱରୀୟ ଭାବାବେଗର ଜ୍ୱଳନ୍ତ ନିଦର୍ଶନ ହୋଇଥାଏ । ■

ପ୍ରାକ୍ତନ ଅର୍ଥକମିଟି ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର
ମୋ: ୯୪୩୭୦୭୯୦୯୯

# ଦେବସ୍ନାନ ପୂର୍ଣ୍ଣିମାରେ ମଠର ଭୂମିକା



ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର

ଶ୍ରୀ ମନ୍ଦିରର ଦୈନନ୍ଦିନ ନୀତି, ବିଶେଷ ନୀତି, ଯାନିଯାତ୍ରା ଓ ପର୍ବପର୍ବାଣି ସମୟରେ ସେବକମାନଙ୍କ ବ୍ୟତୀତ ବିଭିନ୍ନ ମଠର ଭୂମିକା ଅନସ୍ୱୀକାର୍ଯ୍ୟ । ମହାପ୍ରଭୁଙ୍କର ସ୍ନାନଯାତ୍ରା ସମୟରେ ମୁଖ୍ୟତଃ ତିନୋଟି ମଠର ଭୂମିକାକୁ ଏଠାରେ ବିଚାର କରାଯାଉଛି । ଏହି ତିନିଗୋଟି ମଠ ହେଉଛି ବାଲିସାହିର ଗୋପାଳତୀର୍ଥ ମଠ, ରାଘବ ଦାସ ମଠ ଓ ଗୌଡ଼ବାଡ଼ (ଗୌର ବାଟ) ସାହିର ସୁନା ଗୋସେଇଁ ମଠ । ଏହି ତିନୋଟି ମଠ ସ୍ନାନଯାତ୍ରା ନିମିତ୍ତ ହେଉଥିବା ଚାରମାଳ ବନ୍ଧା, ପହଣ୍ଡି ସମୟରେ ଟାହିଆ ଲାଗି, ଦେବ ସ୍ନାନ ପାଇଁ ସୁନାକୂଅରୁ ଜଳ ସଂଗ୍ରହ ଓ ଅଧିବାସ, ହାତୀ ବେଶ ସାମଗ୍ରୀ ଯୋଗାଣ, ମହନ୍ତେଇ ଶାଢ଼ି ବନ୍ଧା, ବାହୁଡ଼ା ପହଣ୍ଡି ନିମନ୍ତେ ଟାହିଆ ଓ ଚୂଳ ଯୋଗାଣ, ପନ୍ତି ଭୋଗ ଓ ଅଣସର ତାଟି ଯୋଗାଣ ପ୍ରଭୃତି କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ।


## ଚାରମାଳ ଓ ଟାହିଆ





ଦେବସ୍ନାନ ପୂର୍ଣ୍ଣିମା ଦିନ ପ୍ରାତଃକାଳରୁ ଠାକୁରମାନଙ୍କୁ ବିଧିପୂର୍ବକ ପହଣ୍ଡି ବିଜେ କରାଇ ରତ୍ନସିଂହାସନରୁ ସ୍ନାନମଣ୍ଡପକୁ ନିଆଯାଇଥାଏ । ସିଂହାସନରୁ ପହଣ୍ଡି କରାଇ କଳାହାଟ ଦ୍ୱାର ପର୍ଯ୍ୟନ୍ତ ଆଣିବା ନିମନ୍ତେ ବନ୍ଧା ଯାଉଥିବା ଚାରମାଳକୁ ରାଘବ ଦାସ ମଠ ତରଫରୁ ଯୋଗାଇ ଦିଆଯାଇଥାଏ । ଏହି ଚାରମାଳ ନିମନ୍ତେ ରାଘବ ଦାସ ମଠ ୧୪ ହାତ ଲମ୍ବ ଓ ପ୍ରାୟ ଚାଖଣ୍ଡେ ଓସାରର ୧୪ ଖଣ୍ଡ ନଡ଼ିଆ କାଠ ଜ୍ୟେଷ୍ଠମାସ ଶୁକ୍ଳ ତ୍ରୟୋଦଶୀ ଦିନ ମନ୍ଦିର କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚାଇ ଥାଏ । ଏତଦ୍‌ବ୍ୟତୀତ ଠାକୁରମାନେ ଧାଡ଼ି ପହଣ୍ଡି ହୋଇ ଜଗମୋହନ ଦେଇ ସାତପାହାଚ ପାଖରେ ପହଞ୍ଚିଲେ ତାଙ୍କୁ ଯେଉଁ ଟାହିଆ ଲାଗିହୁଏ ତାହା ମଧ୍ୟ ଏହି ମଠ ଦ୍ୱାରା ବିଧିପୂର୍ବକ ତିଆରି ହୋଇ ଯୋଗାଯାଇଥାଏ । ଏହି ଟାହିଆ ମଧ୍ୟରୁ ୨୫ କାଠି ବିଶିଷ୍ଟ ଦୁଇଟି ବଡ଼ ଟାହିଆ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ନିମିତ୍ତ ଓ ମା' ସୁଭଦ୍ରାଙ୍କ ପାଇଁ ଗୋଟିଏ ତିକାନିଆ ଟାହିଆ ଏବଂ ସୁଦର୍ଶନଙ୍କ ପାଇଁ ଗୋଟିଏ ଚୂଳ ଅନ୍ୟତମ । ଠାକୁରମାନେ ସ୍ନାନ ବେଦୀରୁ ଅଣସର ପିଣ୍ଡିକୁ ଫେରିବା ସମୟରେ ସ୍ନାନ ବେଦୀର ପାହାଚ ଉପରେ ମଧ୍ୟ ଠାକୁରଙ୍କର ଟାହିଆ ଲାଗି ହେବା ନିମିତ୍ତ ରାଘବ ଦାସ ମଠ ତରଫରୁ ଯୋଗାଇ ଦିଆଯାଇଥାଏ ।

**ପୁରୁଷୋତ୍ତମ କ୍ଷେତ୍ରସ୍ଥ ଶ୍ରୀଜଗନ୍ନାଥ ମନ୍ଦିରରେ ବର୍ଷସାରା ବହୁ ପର୍ବପର୍ବାଣି ଓ ଯାନିଯାତ୍ରା ପାଳିତ ହେଉଥିଲେ ମଧ୍ୟ ତନ୍ମଧ୍ୟରୁ ଦ୍ୱାଦଶ ଯାତ୍ରା ବିଶେଷ ଭାବରେ ଖ୍ୟାତ । ଜ୍ୟେଷ୍ଠମାସ ପୂର୍ଣ୍ଣିମା ତିଥିରେ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳିତ ହେଉଥିବା ମହାପ୍ରଭୁଙ୍କ ସ୍ନାନଯାତ୍ରା ଏହି ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ । ଏହା ଦେବସ୍ନାନ ପୂର୍ଣ୍ଣିମା ନାମରେ ନାମିତ । ମହାପ୍ରଭୁଙ୍କର ଏହି ସ୍ନାନଯାତ୍ରା ଅନ୍ୟୁନ ୩୬ ଜଣ ପାଳିଆ ସେବକ ଓ ମଠମାନଙ୍କ ସହଯୋଗରେ ସମ୍ପନ୍ନ ହେଉଥିଲେ ହେଁ ପହଣ୍ଡି ପ୍ରଭୃତିରେ ଦଇତା ନିଯୋଗର ଆବଶ୍ୟକତା ଯଥେଷ୍ଟ ରହିଛି । ଏହି ଯାତ୍ରାରେ ସମ୍ପୃକ୍ତ ଥିବା ମଠଗୁଡ଼ିକର ଭୂମିକାକୁ ନେଇ ଏଇ ସ୍ୱତନ୍ତ୍ର ପ୍ରତିବେଦନ ।**



## ମହାପ୍ରଭୁଙ୍କ ହାତୀବେଶ

ସ୍ନାନ ପୂର୍ଣ୍ଣିମା ହେଉଛି ଠାକୁରମାନଙ୍କ ଆବିର୍ଭାବ ଦିବସ ରୂପେ 'ନୀଳାଦ୍ରି ମହୋଦୟ'ରେ ବର୍ଣ୍ଣିତ ହୋଇଛି । 'ବାମଦେବ ସଂହିତା'ରେ "ଜ୍ୟେଷ୍ଠେ ସ୍ନାନୋତ୍ସବ ଶୁଭମ୍" ବୋଲି କୁହାଯିବା ବେଳେ ଦେବତାମାନେ ଏହି ସ୍ନାନକୁ ଆସି ଭକ୍ତଭାବ ନେଇ ଦର୍ଶନ କରୁଥିବାରୁ ଏହା ଅତ୍ୟନ୍ତ ପୁଣ୍ୟପ୍ରଦ ବୋଲି ବର୍ଣ୍ଣିତ । ଦେବସ୍ନାନ ନୀତି ସରିବା ପରେ ମହାପ୍ରଭୁଙ୍କ ହାତୀବେଶ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ବଳଭଦ୍ର ଓ ସୁଦର୍ଶନଙ୍କ ନିମିତ୍ତ ହାତୀବେଶକୁ ବାଲିସାହିର ଗୋପାଳତୀର୍ଥ ମଠ ଯୋଗାଇବା ବେଳେ ଜଗନ୍ନାଥ ଓ ସୁଭଦ୍ରାଙ୍କ ପାଇଁ ରାଘବ ଦାସ ମଠ ଯୋଗାଇଥାଏ ।



ହାତୀ ବେଶର ତିଆରି କାମ ଉଭୟ ମଠରେ ଅକ୍ଷୟ ତୃତୀୟା ଦିନ ବିଧି ପୂର୍ବକ ଆରମ୍ଭ ହୋଇଥାଏ । ବେଶ ପାଇଁ ଆବଶ୍ୟକ ହେଉଥିବା ଶୋଲ କଦଳୀ ପଟୁକାକୁ ସାକ୍ଷୀଗୋପାଳ ନିକଟସ୍ଥ ପରକେଣା ଗ୍ରାମରୁ ରାଘବ ଦାସ ମଠ ଆଣିଥାଏ । ପ୍ରଥମେ ଗୋପାଳତୀର୍ଥ ମଠରୁ ଗୋଟିଏ ଗୋଟିଏ ବଡ଼ ବାଉଁଶ ନିର୍ମିତ ତାଟରେ ବଳଭଦ୍ର ଓ ସୁଦର୍ଶନଙ୍କ ବେଶ ପଟୁଆରରେ ଅଣାଯାଇ ଶ୍ରୀମନ୍ଦିରର ଜଗମୋହନସ୍ଥ ଗରୁଡ଼ ସ୍ତମ୍ଭ ପାଖରେ ରଖାଯିବା ପରେ ରାଘବ ଦାସ ମଠରୁ ଜଗନ୍ନାଥ ଓ ସୁଭଦ୍ରାଙ୍କ ବେଶକୁ ବିଧି ପୂର୍ବକ ଅଣା ଯାଇ ଉକ୍ତ ସ୍ଥାନରେ ରଖାଯାଏ । ସ୍ନାନ ମଣ୍ଡପରେ ଛେରାପହରା ନୀତି ସରିବାପରେ ସୁଆର ବଡୁ ଦ୍ୱାରା ସ୍ନାନ ମଣ୍ଡପ ଧୂଆଯାଇ ସମସ୍ତ ବେଶ ସାମଗ୍ରୀକୁ ଜଗମୋହନରୁ ଅଣାଯାଏ । ପାଳିଆ ପୁଷ୍ପାଳକ ଠାକୁରମାନଙ୍କୁ ହାତୀ ବେଶ କରିବା ପରେ କର୍ପୂର ଲାଗି ନୀତି କରିଥାଆନ୍ତି । ବେଶ ନିମିତ୍ତ ସହଯୋଗ କରିଥିବା ସମ୍ପୃକ୍ତ ସେବକମାନଙ୍କୁ ମଠ ତରଫରୁ କିଛି ପାଉଣା ଦିଆଯାଇଥାଏ । ଠାକୁରମାନଙ୍କର ବେଶ ସରିବା ପରେ ରାଘବ ଦାସ ମଠର ମଠାଧୀଶଙ୍କ 'ମହନ୍ତେଇ ଶାଢ଼ି ବନ୍ଧା' କାର୍ଯ୍ୟ ହୋଇଥାଏ । ଏଥି ନିମିତ୍ତ ଆବଶ୍ୟକ ହେଉଥିବା ବାରଲାଗି ପାଟଶାଢ଼ି ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଯୋଗାଇ ଦିଆଯାଇଥାଏ । ଟାଙ୍ଗଡ଼ା ମେକାପଙ୍କଠାରୁ ଶାଢ଼ି ଆଣି ଭିତରଛ ମହାପାତ୍ର ରାଘବ ଦାସ ମଠାଧୀଶଙ୍କ ମୁଣ୍ଡରେ ବାନ୍ଧି ଥାଆନ୍ତି । ଏହି ସମୟରେ ତଡ଼ଉ କରଣ, ଦେଉଳ କରଣ ଓ ମେକାପ ଉପସ୍ଥିତ ରହନ୍ତି । ଶାଢ଼ି ବନ୍ଧା ପରେ ଭଣ୍ଡାର ମେକାପ ମଠାଧୀଶଙ୍କ କପାଳରେ ଚନ୍ଦନ ଛାପା ଦିଅନ୍ତି । ଜନଶ୍ରୁତି ଅଛି ରାଘବ ଦାସ ମଠର ମଧୁସୂଦନ ବୈଷ୍ଣବ ଦାସ ଗଣପତି ଭଟ୍ଟଙ୍କ ଉପାଖ୍ୟାନ ଦ୍ୱାରା ଅନୁପ୍ରାଣିତ ହୋଇ ମହାପ୍ରଭୁଙ୍କ ଏହି ବେଶଟିକୁ ଆରମ୍ଭ କରିଥିଲେ ।





## ପନ୍ତିଭୋଗ

ବେଶ ସରିବା ପରେ ସୁଆର ବଡୁ ପାଣି ପକାଇ ସ୍ନାନ ମଣ୍ଡପ ଧୋଇବା ପରେ ପାଳିଆ ପଡ଼ିଆରୀ ଟେରା ବାନ୍ଧନ୍ତି ଓ ସକାଳ ଧୂପ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ଧୂପ ସରିବା ପରେ ସାହାଣମେଲା, ବେଶ ମଇଲମ, ଡୋର ଲାଗି ଆଦି ନୀତି କରାଯାଇ ଠାକୁରଙ୍କର ବାହୁଡ଼ା ପହଣ୍ଡି କାର୍ଯ୍ୟ ଆରମ୍ଭ ହୋଇଥାଏ । ଏହି ସମୟରେ ବିଭିନ୍ନ ମଠ ଦ୍ୱାରା ଠାକୁରଙ୍କ ଉଦ୍ଦେଶ୍ୟରେ ପନ୍ତି ଭୋଗ କରାଯାଏ । ପନ୍ତି ଭୋଗ କରୁଥିବା ମଠମାନଙ୍କ ମଧ୍ୟରେ ଉତ୍ତର ପାର୍ଶ୍ୱ ମଠ, କୋଠ ଭୋଗ ମଠ, ଜଗନ୍ନାଥ ବଲ୍ଲଭ ମଠ, ତ୍ରିମାଳୀ ମଠ, ମଙ୍ଗୁ ମଠ, ରାଘବଦାସ ମଠ, ରେବସା ମଠ, ଶ୍ରୀରାମ ଦାସ ମଠ, ସଂକ୍ରାନ୍ତି ମଠ ଓ ସାନଛତା ମଠ ପ୍ରଭୃତିର ନାମ ଉଲ୍ଲେଖ ଯୋଗ୍ୟ । କେତେକ ମଠ ମନ୍ଦିର ପରିସରରେ ପନ୍ତି ଭୋଗ ବାଢ଼ିବା ବେଳେ ନରେନ୍ଦ୍ର ମହଲାରେ ରାଘବ ଦାସ ମଠ, ପ୍ରତିହାରୀ ନିଯୋଗରେ ତ୍ରିମାଳି ମଠ ଓ ଅନ୍ୟ ମଠମାନେ ମଠର ବିଜେସ୍ଥଳୀରେ ଠାକୁରମାନଙ୍କ ଉଦ୍ଦେଶ୍ୟରେ ପନ୍ତି ଭୋଗ ବାଢ଼ିଥାଆନ୍ତି ।

ଠାକୁରମାନେ ଗୋଟି ପହଣ୍ଡି ହୋଇ ଅଣସର ପିଣ୍ଡିକୁ ଫେରିବା ସମୟରେ ରାଘବ ଦାସ ମଠ ତରଫରୁ ସୁଦର୍ଶନ ଓ ସୁଭଦ୍ରାଙ୍କ ନିମନ୍ତେ ଦୁଇଟି ଟାହିଆ ଓ ଚୂଳ ଯୋଗାଇ ଦିଆ ଯାଇଥାଏ । ଅଣସର ପିଣ୍ଡିକୁ ଆବଦ୍ଧ କରାଯାଉଥିବା ବାଉଁଶ ତାଟିଗୁଡ଼ିକକୁ ମଧ୍ୟ ରାଘବ ଦାସ ମଠ ତରଫରୁ ଯୋଗାଇ ଦିଆଯାଇଥାଏ । ମହାପ୍ରଭୁ ଅଣସର ପିଣ୍ଡିରେ ପହଞ୍ଚିଲେ ସ୍ନାନଯାତ୍ରା ବିଧାନ ଶେଷ ହୁଏ । ■

ଅବସରପ୍ରାପ୍ତ ପ୍ରଫେସର
୨୦୮, ବୃନ୍ଦାବନ ପ୍ୟାଲେସ, ବ୍ରଜନଗର-୨ (ସମ୍ପ୍ରସାରଣ)
ବ୍ରହ୍ମପୁର-୭୬୦୦୦୧, ଗଞ୍ଜାମ, ମୋ: ୮୨୪୯୫୩୭୭୩୩



# ଶ୍ରୀଜୀଉଙ୍କ ଗଜାନନ ବେଶ



ଡକ୍ଟର ଭାସ୍କର ମିଶ୍ର

**ଅଖିଳବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଦ୍ୟ ଯାତ୍ରା ବା ମହୋତ୍ସବ ହେଉଛି ସ୍ନାନଯାତ୍ରା । ଜ୍ୟେଷ୍ଠ ପୂର୍ଣ୍ଣିମାରେ ମହାପ୍ରଭୁଙ୍କର ଆବିର୍ଭାବ ହୋଇଥିଲା । ଏହି ଆବିର୍ଭାବ ବା ଜନ୍ମ ଦିବସକୁ 'ଦେବ ସ୍ନାନ', 'ଜ୍ୟେଷ୍ଠ ସ୍ନାନ' ତଥା 'ମଞ୍ଚ ସ୍ନାନ' ନାମରେ ବର୍ଣ୍ଣନା କରାଯାଇଅଛି । ଦ୍ୱାଦଶ ଯାତ୍ରା ସମ୍ବନ୍ଧରେ କୁହାଯାଇଛି ଯେ, ସ୍ନାନ ଯାତ୍ରା ଅନ୍ୟତମ ପ୍ରସିଦ୍ଧ ତଥା ଆଦ୍ୟ ଯାତ୍ରା । 'ନୀଳାଦ୍ରିମହୋଦୟ' ଗ୍ରନ୍ଥରୁ ଜଣାଯାଏ ଯେ, ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଥିଲେ, ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ ସ୍ୱାୟମ୍ଭୁବ ମନୁ ଏକ ଯଜ୍ଞାରମ୍ଭ କରିଥିଲେ, ମୁଁ ଉକ୍ତ ଯଜ୍ଞ ବେଦୀରେ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ଦିନ ଅବତୀର୍ଣ୍ଣ ହୋଇଥିଲି । ତେଣୁ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ହେଉଛି ମୋର ଜନ୍ମଦିନ । ଏହିଦିନ ଆଦର ସହକାରେ ଭକ୍ତିପୂତ ହୃଦୟରେ ମହୋତ୍ସବ ସହିତ ଯଥାବିଧି ମୋର ମହାସ୍ନାନ କରାଇବ ।**

ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ଦାରବ ବିଗ୍ରହ ଅଧିଷ୍ଠିତ ପୂର୍ବକ ୧୦୮ ଗଡ୍ଡୁ ଅଭିମନ୍ତ୍ରିତ ଜଳରେ ସ୍ନାନ କରିବା ପରେ ବସ୍ତ୍ର ଓ ପୁଷ୍ପ ଇତ୍ୟାଦିରେ ବେଶ କରାଯାଏ । ତତ୍ପରେ ଗଜପତି ମହାରାଜା ସ୍ନାନ ମଣ୍ଡପରେ ଛେରା ପହଁରା ଓ ରାଜନୀତି ସମ୍ପନ୍ନ କରିଥାନ୍ତି । ଏହି ବିଶେଷ ନୀତି ସମାପନ ପରେ ମହାପ୍ରଭୁଙ୍କର ଆକର୍ଷଣୀୟ ଗଜାନନ ବେଶ ଅନୁଷ୍ଠିତ ହେଇଥାଏ ।



## ବେଶ ପାଇଁ ପ୍ରସ୍ତୁତି

ପରମ୍ପରା ଅନୁଯାୟୀ ସ୍ନାନ ମଣ୍ଡପରେ ବିରାଜିତ ଶ୍ରୀବିଗ୍ରହମାନଙ୍କର ବିଶେଷ ସ୍ନାନ ନୀତି ପରେ ଗୋପାଳ ତୀର୍ଥ ମଠ ଓ ରାଘବ ଦାସ ମଠରୁ ଆସିଥିବା ଗଜାନନ ବେଶ ଉପକରଣ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କୁ ଲାଗି କରାଯାଏ । ଗଜାନନ ବେଶ ସଂପର୍କରେ ଶ୍ରୀଜଗନ୍ନାଥ ମନ୍ଦିର ସତ୍ତ୍ୱଲିପିରେ ଉଲ୍ଲେଖ ଅଛି ଯେ, ସ୍ନାନ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କର ଜଳ ଲାଗି ନୀତି ବଢ଼ିବା ପରେ ଲେଙ୍କା ଓ ଘଣ୍ଟ କାହାଳୀ ସହ ଗୋପାଳତୀର୍ଥ ମଠକୁ ବଡ଼ ବାଡ଼ (ବଳଭଦ୍ରଙ୍କ ବାଡ଼) ଓ ଶ୍ରୀସୁଦର୍ଶନଙ୍କର ଗଜାନନ ବେଶ ଉପକରଣମାନ ଆଣିବାକୁ ଯାଇଥାନ୍ତି । ଏହାପରେ ଛେରା ପହଁରା ଓ ରାଜନୀତି ହୋଇଥାଏ । ତତ୍ପରେ ସୁଆର ବଡୁ ସେବକ ମଣ୍ଡପ ଉପରେ ପାଣି ପକାନ୍ତି । ପାଣି ପଡ଼ିଲା ପରେ ଜଗମୋହନରେ ଥିବା ବଡ଼ ବାଡ଼ର (ବଳଭଦ୍ର) ବେଶ ଉପକରଣ ଓ ରାଘବ ଦାସ ମଠରୁ ଆସିଥିବା ଅନ୍ୟ ଦୁଇ ବାଡ଼ ( ଜଗନ୍ନାଥ, ସୁଭଦ୍ରା)ର ବେଶ ଉପକରଣମାନ ସ୍ନାନ ମଣ୍ଡପରେ ରଖା ହୁଏ । ଭିତରଛ, ତଳିଛ, ପୁଷ୍ପାଳକ, ଖୁଣ୍ଟିଆ , ଦଇତାପତିମାନଙ୍କ ସହ ତିନି ବାଡ଼ରେ ଗଜାନନ ବେଶ କରନ୍ତି । ବେଶ ବଢ଼ିବା ପରେ ତିନି ବାଡ଼ରେ କର୍ପୂର ଲାଗି ହୋଇଥାଏ ଏବଂ ପରେ ସ୍ନାନବେଦୀରେ ଉପରେ ଶୋଧ କରାଯାଏ ଓ ଭୋଗ ପାଇଁ ପ୍ରସ୍ତୁତ ହୋଇଥାଏ । ଭୋଗ ଶେଷ ପରେ ସର୍ବସାଧାରଣଙ୍କୁ ଗଜାନନ ବେଶ ଦର୍ଶନ ନିମିତ୍ତ ଅନୁମତି ଦିଆଯାଇଥାଏ ।

## ଗଜାନନ ବେଶକୁ ନେଇ ଜନଶ୍ରୁତି

ଗଣଦେବତା ଶ୍ରୀଜଗନ୍ନାଥଙ୍କର ସ୍ନାନ ମଣ୍ଡପରେ ଗଜାନନ ବେଶ ହେବାର ମୂଳରେ ଏକ ହୃଦୟସ୍ପର୍ଶୀ ଜନଶ୍ରୁତି ରହିଛି । ଜଣାଯାଏ ଯେ, ଏକଦା ମହାରାଷ୍ଟ୍ରରୁ ଗଣପତି ଭଟ୍ଟ ନାମରେ ଜଣେ ଗାଣପତ୍ୟ ସାଧକ ଶ୍ରୀକ୍ଷେତ୍ରକୁ ଆଗମନ କରିଥିଲେ । ସାକ୍ଷାତ୍ ପରଂବ୍ରହ୍ମଙ୍କ ଦର୍ଶନ ନିମନ୍ତେ ଯୋଗ ସାଧନାରୁ ସୂଚନା ପାଇବା ପରେ ସ୍ଥୂଳ ସ୍ୱରୂପ ଧାରଣ କରି ଲୀଳା କରୁଥିବା ବ୍ରହ୍ମଙ୍କ ଦର୍ଶନ ନିମନ୍ତେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରକୁ ପ୍ରବେଶ କରି ସ୍ନାନ ମଣ୍ଡପରେ ବିରାଜିତ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ, ମାତ୍ର ଏହି ଦର୍ଶନ ତାଙ୍କୁ ଆମ୍ତୃପ୍ତି ପ୍ରଦାନ କରିପାର ନଥିଲା । ଗଣପତି ଭଟ୍ଟ ତାଙ୍କର ଆରାଧ ଦେବତା ଗଣପତିଙ୍କର ପ୍ରତିରୂପ ବ୍ରହ୍ମ ଦର୍ଶନ କରିପାରିଲେ ନାହିଁ । ତେଣୁ ଅଭିମାନରେ ଶ୍ରୀକ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଉଦ୍ୟତ ହେଲେ ।

ଭକ୍ତ ବତ୍ସଳ ଶ୍ରୀଜଗନ୍ନାଥ ଭକ୍ତର ମନ କଥା ଜାଣି, ଗଣପତି ଭଟ୍ଟଙ୍କୁ ସ୍ନାନ ବେଦୀରେ ପୁନଃଦର୍ଶନ ଦେଇଥିଲେ । ଏଥର ଭଟ୍ଟ ସାକ୍ଷାତ୍ ଗଣେଶରୂପୀ ପରବ୍ରହ୍ମଙ୍କ ଦର୍ଶନରେ ଆତ୍ମ ବିଭୋର ହୋଇଗଲେ । ସେହିଦିନଠାରୁ ଏହାର ସ୍ମାରକୀ ରୂପେ ଶ୍ରୀଜନ୍ନାଥଙ୍କର ଗଜାନନ ବେଶ ହୋଇଆସୁଅଛି । ବିଭିନ୍ନ ପ୍ରାମାଣିକ ଗ୍ରନ୍ଥରୁ ଜଣାଯାଏ ଯେ, ସପ୍ତଦଶ ଶତାବ୍ଦୀରେ ଏହି ବେଶର ପ୍ରଚଳନ ହୋଇଥିଲା ।



## ବେଶ ଉପକରଣ

ପବିତ୍ର ଅକ୍ଷୟ ତୃତୀୟା ଦିନ ଉପରେ ବର୍ଣ୍ଣିତ ଦୁଇଟି ମଠ ବିଜେସ୍ଥଳୀରେ ଗଜାନନ ବେଶ ପ୍ରସ୍ତୁତିର ଶୁଭ ଅନୁକୂଳ ହୋଇଥାଏ । ପୁରୀ ସହରର ପାରମ୍ପରିକ ଶିଳ୍ପୀ, ଦରଜୀ, ଚିତ୍ରକାର ସେବକମାନେ ଏହି ବେଶ କାର୍ଯ୍ୟରେ ସଂପୃକ୍ତ ହୋଇଥାନ୍ତି । ଗଜାନନ ବେଶ ପ୍ରସ୍ତୁତିରେ ମୁଖ୍ୟତଃ ଧଳା, କଳା, ନାଲି, ହଳଦିଆ, ନେଳି ରଙ୍ଗର ମୋଟ୍ ୩୦ ମିଟର କନା ଆବଶ୍ୟକ ହୋଇଥାଏ । ଏତଦ୍‌ବ୍ୟତୀତ କଳାରଙ୍ଗର ଭେଲଭେଟ୍ ଓ ସିଲ୍କ କନା, ଜରି, ଶୋଲ, କଦଳୀ ପଟୁକା, ଜମ୍ମୁରା, କଇଁଥ ଅଠା ପ୍ରଭୃତି





ଉପକରଣର ଆବଶ୍ୟକତା ପଡ଼ିଥାଏ । ପ୍ରାରମ୍ଭରେ କଦଳୀପଟରେ ଫ୍ରେମ୍ ତିଆରି ହୋଇ ତହିଁ ଉପରେ କଳା, ଜରି ଭେଲ୍‌ଭେଟ୍ ଓ ଅନ୍ୟାନ୍ୟ ସାଜସଜ୍ଜା କରାଯାଇଥାଏ ।

ପାରମ୍ପରିକ ଶୋଭାଯାତ୍ରାରେ ଉଭୟ ମଠର ବିଜେସ୍ଥଳୀରୁ ବୃହତ୍‌କାର ଦୁଇଗୋଟି ତାଟରେ ବେଶ ଉପକରଣମାନ ଘଣ୍ଟ, ଛତା, କାହାଳୀ, ବଜନ୍ତରୀ ଇତ୍ୟାଦି ବାଦ୍ୟ ସହକାରେ ପଟୁଆରରେ ଶ୍ରୀମନ୍ଦିରକୁ ଆସିଥାଏ । ବେଶ ଉପକରଣ ଆସିବା ପୂର୍ବ ମଠଠାରେ ବେଶ ସାମଗ୍ରୀ ଉଦ୍ଦେଶ୍ୟରେ ପଣା ଭୋଗ ହୋଇଥାଏ । ପୁଷ୍ପାଳକ, ତଳିଛ, ମେକାପ, ଖୁଣ୍ଟିଆ, ଦଇତାପତି ଇତ୍ୟାଦି ସେବକମାନେ ଗଜାନନ ବେଶରେ ଉପକରଣମାନ ଶ୍ରୀଅଙ୍ଗରେ ସୁସଜ୍ଜିତ କରିଥାନ୍ତି । ବେଶ ସମ୍ପାଦନ ପରେ କର୍ପୂର ଲାଗି ହୋଇଥାଏ । ଏହାପରେ ଏହି ବେଶରେ ବିପୁଳ ପରିମଣାର କୋଠଭୋଗ, ପର୍ବଯାତ ଭୋଗ, ବିକ୍ରୟ ବରାଦି ଅନ୍ନ ଭୋଗ କରାଯିବା ପରେ ସ୍ନାନମଣ୍ଡପ ସଫା କରାଯାଇ ପାଣି ପଡ଼ି ଥାଏ । ଏହାପରେ ଭକ୍ତ ଦର୍ଶନାର୍ଥୀମାନଙ୍କୁ ଏହି ଚିତ୍ତାକର୍ଷକ ଗଜାନନ ବେଶ ଦର୍ଶନର ସୁଯୋଗ ମିଳିଥାଏ । ■

ଶ୍ରୀକ୍ଷେତ୍ରଧାମ, ପୁରୀ
ମୋ: ୯୪୩୭୨୮୧୧୦୨



ଦେବସ୍ନାନ ପୂର୍ଣ୍ଣିମା, ଯାହାକୁ 'ସ୍ନାନ ପୂର୍ଣ୍ଣିମା' ବା 'ଦେବସ୍ନାନ' ଯାତ୍ରା ବୋଲି ମଧ୍ୟ କୁହାଯାଏ, ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ଏକ ମହାନ ଧାର୍ମିକ ପର୍ବ। ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ତିଥିରେ ପାଳିତ ହେଉଥିବା ଏହି ପବିତ୍ର ଉତ୍ସବରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନଙ୍କ ମହାସ୍ନାନ ଅନୁଷ୍ଠିତ ହୁଏ। ଓଡ଼ିଶାର ପବିତ୍ର ଶ୍ରୀକ୍ଷେତ୍ର ପୁରୀ ସମେତ ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ଏହି ପର୍ବ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଏ। ଏହା କେବଳ ଏକ ଧାର୍ମିକ ଆଚାର ନୁହେଁ; ବରଂ ଏହାର ଗଭୀର ସାମାଜିକ, ସାଂସ୍କୃତିକ, ଐତିହାସିକ ଓ ଦାର୍ଶନିକ ତାତ୍ପର୍ଯ୍ୟ ରହିଛି। ଏହି ପର୍ବ ଜଗନ୍ନାଥ ସଂସ୍କୃତିର ସମନ୍ୱୟବାଦୀ ଚରିତ୍ରକୁ ପ୍ରତିଫଳିତ କରିବା ସହ ସାମାଜିକ ସଂପ୍ରୀତି, ସମୁଦାୟଗତ ଏକତା ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ସୁଦୃଢ଼ କରିଥାଏ।

# ଦେବସ୍ନାନ ପୂର୍ଣ୍ଣିମାର ସାମାଜିକ -ସାଂସ୍କୃତିକ ଗୁରୁତ୍ୱ




ପ୍ରଫେସର (ଡ.) ବିଭୂତି ଭୂଷଣ ମଲ୍ଲିକ

## ଐତିହାସିକ ଓ ଧାର୍ମିକ ପୃଷ୍ଠଭୂମି

ଦେବସ୍ନାନ ପୂର୍ଣ୍ଣିମାର ଉତ୍ପତ୍ତି ପ୍ରାଚୀନ ଜଗନ୍ନାଥ ପରମ୍ପରା ଓ ଶାସ୍ତ୍ରୀୟ ଆଧାର ସହ ଜଡ଼ିତ। ମନ୍ଦିର ପରମ୍ପରା ଅନୁସାରେ, ଏହି ଦିନକୁ ମହାପ୍ରଭୁଙ୍କ ଆବିର୍ଭାବ ଦିବସ ଭାବେ ପାଳନ କରାଯାଏ। ଏହି ଅବସରରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଗର୍ଭଗୃହରୁ 'ପହଣ୍ଡି ବିଜେ' କରାଯାଇ ସ୍ନାନବେଦୀକୁ ଅଣାଯାଏ। ଶ୍ରୀମନ୍ଦିରର ସୁନାକୂଅରୁ ସଂଗୃହୀତ ୧୦୮ କଳସ ପବିତ୍ର ଜଳଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିଙ୍କର ବୈଦିକ ରୀତିନୀତି ଅନୁଯାୟୀ ମହାସ୍ନାନ ସମ୍ପନ୍ନ କରାଯାଏ। ଏହି ମହାସ୍ନାନ ପରେ ମହାପ୍ରଭୁ ଜ୍ୱରରେ ଆକ୍ରାନ୍ତ ହୋଇଥିବା ବିଶ୍ୱାସ କରାଯାଏ। ତେଣୁ ସେ ଅଣସର ଗୃହକୁ ଯାଇ ପନ୍ଦର ଦିନ ପର୍ଯ୍ୟନ୍ତ ଭକ୍ତମାନଙ୍କ ଦର୍ଶନରୁ ଦୂରେଇ ରହନ୍ତି। ଏହି ସମୟକୁ 'ଅନବସର' ବୋଲି କୁହାଯାଏ। ପରେ ନବଯୌବନ ବେଶରେ ଦର୍ଶନ ଦେଇ ରଥଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି।

## ପବିତ୍ର ସ୍ନାନର ପ୍ରତୀକାତ୍ମକ ଅର୍ଥ ଓ ସାମାଜିକ ଗୁରୁତ୍ୱ

ହିନ୍ଦୁ ଦର୍ଶନରେ ଜଳକୁ ପବିତ୍ରତା, ଜୀବନ ଓ ଆଧ୍ୟାତ୍ମିକ ଶୁଦ୍ଧିର ପ୍ରତୀକ ଭାବେ ଗ୍ରହଣ କରାଯାଏ। ମହାପ୍ରଭୁଙ୍କ ସ୍ନାନ ସମଗ୍ର ସୃଷ୍ଟିର ଶୁଦ୍ଧିକରଣ ଓ ଦୈବୀ ଶକ୍ତିର ନବୀକରଣର ପ୍ରତୀକ। ଏହା ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଥିବା ଅନ୍ତରଙ୍ଗ ସମ୍ପର୍କକୁ ମଧ୍ୟ ପ୍ରତିପାଦିତ କରେ। ସ୍ନାନ ପରେ ମହାପ୍ରଭୁଙ୍କ ଅସୁସ୍ଥତା ଏକ ଅନନ୍ୟ ଧାର୍ମିକ ଧାରଣାକୁ ପ୍ରକାଶ କରେ। ଏହା ଦର୍ଶାଏ ଯେ, ଜଗନ୍ନାଥ କେବଳ ଦୂରସ୍ଥ ଦେବତା ନୁହନ୍ତି; ସେ ମଣିଷର ସୁଖ-ଦୁଃଖ, ରୋଗ-ବ୍ୟାଧି ଓ ଜୀବନ ଅନୁଭୂତିର ସହଭାଗୀ। ଏହି ମାନବୀୟ ରୂପ ତାଙ୍କୁ ଭକ୍ତଙ୍କ ହୃଦୟର ଅଧିକ ନିକଟତର କରିଥାଏ। ଦେବସ୍ନାନ ପୂର୍ଣ୍ଣିମାର ସବୁଠାରୁ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ହେଉଛି ଏହାର ସମାବେଶୀ ଚରିତ୍ର। ଜଗନ୍ନାଥ ସଂସ୍କୃତି ସଦା ସର୍ବଦା ଜାତି, ବର୍ଣ୍ଣ, ଧର୍ମ ଓ ସାମାଜିକ ଭେଦଭାବର ଊର୍ଦ୍ଧ୍ୱରେ ରହିଛି। ଏହି ଉତ୍ସବରେ ସମସ୍ତ ବର୍ଗର ଲୋକ ଏକତ୍ରିତ ହୋଇ ଭକ୍ତିରେ ଲୀନ ହୁଅନ୍ତି। ସ୍ନାନବେଦୀରେ ମହାପ୍ରଭୁଙ୍କ ସାର୍ବଜନୀନ ଦର୍ଶନ ଏକ ଗଣତାନ୍ତ୍ରିକ ଆଧ୍ୟାତ୍ମିକତାର ପ୍ରତୀକ। ଏହା ଦର୍ଶାଏ ଯେ, ଭଗବାନ କେବଳ କୌଣସି ବିଶେଷ ବର୍ଗର ନୁହନ୍ତି; ସେ ସମଗ୍ର ମାନବ ସମାଜର। ଏହି ଧାରଣା ସାମାଜିକ ସମାନତା ଓ ଭ୍ରାତୃତ୍ୱର ମୂଲ୍ୟବୋଧକୁ ସୁଦୃଢ଼ କରିଥାଏ। ଦେବସ୍ନାନ ପୂର୍ଣ୍ଣିମା ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ଏକ ଜୀବନ୍ତ ପ୍ରତିଫଳନ। ଏହି ଉତ୍ସବରେ ଘଣ୍ଟ, ମୃଦଙ୍ଗ, କାହାଳୀ ଓ ଝାଞ୍ଜର ଧ୍ୱନି ସମଗ୍ର ପରିବେଶକୁ ଭକ୍ତିମୟ କରିଥାଏ। ଏହି ଯାତ୍ରା ସହ ଜଡ଼ିତ ବିଭିନ୍ନ କଳା ଓ ହସ୍ତଶିଳ୍ପ ମଧ୍ୟ ଓଡ଼ିଶାର ସାଂସ୍କୃତିକ ପରିଚୟକୁ ସୁରକ୍ଷିତ ରଖିଥାଏ। କାରିଗର, ଚିତ୍ରକର, ସେବାୟତ ଓ କଳାକାରମାନେ ଏହି ଉତ୍ସବର ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।







## ଆର୍ଥିକ ଓ ସାମାଜିକ ଦିଗ


ଦେବସ୍ନାନ ପୂର୍ଣ୍ଣିମା ପୁରୀ ଓ ଆଖପାଖ ଅଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିଥାଏ। ହଜାର ହଜାର ଶ୍ରଦ୍ଧାଳୁ ଏହି ସମୟରେ ପୁରୀକୁ ଆସିଥାନ୍ତି। ଏଥିରୁ ହୋଟେଲ, ପରିବହନ, ହସ୍ତଶିଳ୍ପ, ଖାଦ୍ୟ ବ୍ୟବସାୟ ଓ ସ୍ଥାନୀୟ ବାଣିଜ୍ୟ କ୍ଷେତ୍ର ଉପକୃତ ହୁଏ। ବିଭିନ୍ନ ସାମାଜିକ ସଂଗଠନ ଓ ସ୍ୱେଚ୍ଛାସେବୀ ଦଳ ଯାତ୍ରୀମାନଙ୍କ ପାଇଁ ଜଳ, ଖାଦ୍ୟ, ଚିକିତ୍ସା ଓ ଅନ୍ୟାନ୍ୟ ସେବା ଯୋଗାଇଥାନ୍ତି। ଏହା ଜଗନ୍ନାଥ ସଂସ୍କୃତିର ସେବା ଓ ସହଯୋଗର ମୂଲ୍ୟବୋଧକୁ ପ୍ରତିଫଳିତ କରେ। ଜଗନ୍ନାଥ ସଂସ୍କୃତି ତାହାର ସାର୍ବଜନୀନ ଓ ମାନବିକ ଚିନ୍ତାଧାରା ପାଇଁ ବିଶ୍ୱବିଖ୍ୟାତ। ଦେବସ୍ନାନ ପୂର୍ଣ୍ଣିମା ସମାନତା, ବିନମ୍ରତା ଓ ଭକ୍ତିର ଆଦର୍ଶକୁ ପ୍ରଚାର କରେ। ମହାପ୍ରଭୁଙ୍କ ସ୍ନାନ ଆମକୁ ଆତ୍ମଶୁଦ୍ଧି, ନୈତିକତା ଓ ମାନବ ସେବାର ଶିକ୍ଷା ଦେଇଥାଏ। ସ୍ନାନ ପରେ ମହାପ୍ରଭୁଙ୍କ ଅସୁସ୍ଥତା ମାନବ ଜୀବନର ଦୁର୍ବଳତା ଓ ସହାନୁଭୂତିର ମହତ୍ତ୍ୱକୁ ସ୍ମରଣ କରାଏ। ଏହା ଅନ୍ୟର ଦୁଃଖରେ ଦୁଃଖୀ ହେବା ଓ ସେବାଭାବକୁ ପ୍ରୋତ୍ସାହିତ କରେ।

ଆଜିର ସମାଜରେ, ଯେଉଁଠାରେ ବିଭେଦ, ସଂଘର୍ଷ ଓ ସାମାଜିକ ବିଚ୍ଛିନ୍ନତା ବଢୁଛି, ଦେବସ୍ନାନ ପୂର୍ଣ୍ଣିମା ଏକତା, ସହଯୋଗ ଓ ସାମାଜିକ ସଂପ୍ରୀତିର ବାର୍ତ୍ତା ଦେଇଥାଏ। ଏହା ଆମକୁ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଓ ସାମୁଦାୟିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ସଚେତନ କରେ। ଜଳର ପବିତ୍ରତା ସହ ଜଡ଼ିତ ଏହି ଉତ୍ସବ ପରିବେଶ ସଂରକ୍ଷଣ ଓ ପ୍ରାକୃତିକ ସମ୍ପଦର ଉପଯୁକ୍ତ ବ୍ୟବହାରର ସନ୍ଦେଶ ମଧ୍ୟ ପ୍ରଦାନ କରେ।

ଦେବସ୍ନାନ ପୂର୍ଣ୍ଣିମା କେବଳ ମହାପ୍ରଭୁଙ୍କ ମହାସ୍ନାନ ଉତ୍ସବ ନୁହେଁ; ଏହା ଓଡ଼ିଶାର ଆଧ୍ୟାତ୍ମିକ, ସାମାଜିକ ଓ ସାଂସ୍କୃତିକ ଜୀବନର ଏକ ଅମୂଲ୍ୟ ଅଂଶ। ଏହି ପର୍ବ ଭକ୍ତି, ସମାନତା, ସେବା, ସହାନୁଭୂତି ଓ ସାମୁଦାୟିକ ଏକତାର ମୂଲ୍ୟବୋଧକୁ ସୁଦୃଢ଼ କରେ। ଜଗନ୍ନାଥ ସଂସ୍କୃତିର ଏହି ଅନନ୍ୟ ପରମ୍ପରା ଆଜି ମଧ୍ୟ ଲକ୍ଷ ଲକ୍ଷ ଭକ୍ତଙ୍କୁ ପ୍ରେରଣା ଯୋଗାଇ ଆସୁଛି। ଦେବସ୍ନାନ ପୂର୍ଣ୍ଣିମା ଆମକୁ ସ୍ମରଣ କରାଏ ଯେ, ଧର୍ମର ପ୍ରକୃତ ଉଦ୍ଦେଶ୍ୟ ହେଉଛି ମାନବତା, ପାରସ୍ପରିକ ସହଯୋଗ, ସମନ୍ୱୟ ଓ ସର୍ବଜନ ମଙ୍ଗଳ। ■

କୁଳପତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ପ୍ରଜ୍ଞା ବିହାର, ବଲାଙ୍ଗୀର

ଦେବସ୍ନାନ ପୂର୍ଣ୍ଣିମା ପରଦିନଠାରୁ ନେତ୍ରୋତ୍ସବ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଜ୍ୱରରେ ପୀଡ଼ିତ ହୋଇ ଉପଚାର ଘେନୁଥିବାରୁ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି ନାହିଁ। ଏହି କାଳକୁ ଅଣସର ବା ଅନବସର କୁହାଯାଏ । ଜ୍ୱର ହେବା ପରେ ଶ୍ରୀଜୀଉମାନଙ୍କୁ ଉପଚାର କରିବା ନିମନ୍ତେ ଦଇତାପତି ସେବକ ଓ ଅନ୍ୟ ସେବକମାନେ ଠାକୁରମାନଙ୍କୁ ଅଣସର ଘରକୁ ନିଅନ୍ତି । ଏହି ସମୟରେ ମହାପ୍ରଭୁଙ୍କ ଦେହରେ ଚୁଆ, କର୍ପୂର, କସ୍ତୁରୀ ଓ ଚନ୍ଦନ ଲେପନ କରାଯିବା ସହ ପାରମ୍ପରିକ ଉପଚାର କରାଯାଏ। ଅଣସର ଘରେ କେବଳ ଦଇତା ସେବକମାନେ ଅର୍ଥାତ ବିଶ୍ୱାବସୁଙ୍କ ବଂଶଧରମାନେ ସେବାକାର୍ଯ୍ୟ କରନ୍ତି। ବର୍ଷକ ବାର ମାସ ମଧ୍ୟରୁ ପତି ମହାପାତ୍ରଙ୍କ ସେବା ୧୧ ମାସ ଏବଂ ଦଇତାମାନଙ୍କ ସେବା ଏକ ମାସ । ଏହା ଆଷାଢ଼ କୃଷ୍ଣ ପ୍ରତିପଦାରୁ ନୀଳାଦ୍ରି ବିଜେ ଯାଏଁ ଚଉଦ ଦିନ ଧରି କରାଯାଇଥାଏ। ଅଣସର ସମୟରେ ଅଣସର ଗୃହରେ ଦାରୁ ବିଗ୍ରହମାନଙ୍କ ବଦଳରେ ପଟିଦିଅଁଙ୍କୁ ପୂଜା କରାଯାଇଥାଏ। ଅଣସର ସମୟରେ ଶ୍ରୀଜୀଉଙ୍କ ବିଭିନ୍ନ ନୀତିକାନ୍ତିକୁ ନେଇ ପ୍ରସ୍ତୁତ ଏଇ ସ୍ୱତନ୍ତ୍ର ଉପସ୍ଥାପନା।



# ମହାପ୍ରଭୁଙ୍କ ଅନବସର ନୀତିକାନ୍ତି



ସୁଷମା ପରିଡ଼ା

**କରାଳ କର୍ମ** : ଆଷାଢ଼ କୃଷ୍ଣ ପ୍ରତିପଦାରୁ ଚତୁର୍ଥୀ ପର୍ଯ୍ୟନ୍ତ ବିଗ୍ରହ ଗୁଡ଼ିକର ମରାମତି ସହ ଠାକୁରମାନଙ୍କର ଅଙ୍ଗର ବସ୍ତ୍ରକୁ ଉତାରି କରାଳ କାମ କରାଯାଏ। ଶ୍ରୀଅଙ୍ଗରେ ଲାଗିଥିବା କସ୍ତୁରୀ, ଝୁଣା, ଚୁଆ ଓ ଚନ୍ଦନ ଲେପକୁ ଅଲଗା କରାଯାଏ । ଅଲଗା ହୋଇଥିବା ପଦାର୍ଥମାନଙ୍କୁ 'କରାଳ' କୁହାଯାଏ ।


**ଶ୍ରୀଅଙ୍ଗ ଫିଟା**: ସ୍ନାନ ମଣ୍ଡପରେ ସ୍ନାନ ଦ୍ୱାରା ଓଦା ପାଟ ବସ୍ତ୍ରକୁ ଅଣସର ଗୃହରେ ଓଲାଗି କରାଯାଏ। ଏହାକୁ 'ଶ୍ରୀଅଙ୍ଗ ଫିଟା' କୁହାଯାଏ । ଏହି ସମୟରେ ଦାରୁ ରୂପକୁ କରାଳ ରୂପ କରାଯାଏ। ଶ୍ରୀଅଙ୍ଗ ଫିଟା ଓ କରାଳ ହେଉଛି ଶ୍ରୀଅଙ୍ଗ ନିରାପତ୍ତା ପାଇଁ ଏକ ପ୍ରତିଷେଧକ ବ୍ୟବସ୍ଥା। ପଇତା ଲାଗି: ଅନସରରେ କେତେକ ସ୍ୱତନ୍ତ୍ର ନୀତିରେ ପାଟକନାକୁ ଛେଚି ବିଗ୍ରହମାନଙ୍କ ଦେହରେ ଛକି ପଡ଼ିଲା ଭଳି ବନ୍ଧାଯାଏ। ତାହା ଉପରେ ଚନ୍ଦନ ଲାଗି କରାଯାଏ। ଏହାକୁ ପଇତା ଲାଗି କୁହାଯାଏ। ବିଗ୍ରହରେ ଯେଉଁ ଲେପ ଦିଆଯାଏ ତାହା ଏହି ପଇତା ଲାଗି ପରେ ଦୃଢ଼ ହୋଇଥାଏ।

**ଫୁଲରି ତେଲ ଲାଗି** : ଆଷାଢ଼ କୃଷ୍ଣ ପଞ୍ଚମୀରୁ ସପ୍ତମୀ ପର୍ଯ୍ୟନ୍ତ ବଡ଼ ଓଡ଼ିଆ ମଠ ଏହି ସେବା ପାଇଁ ଆବଶ୍ୟକୀୟ ପଦାର୍ଥ (କର୍ପୂର, ଚୂଆ, ପରଖ, ପିଙ୍ଗଳ ଓ ରାଶିତେଲ) ଯୋଗାଇଥାଆନ୍ତି । ପଇତା ଲାଗି ପରେ ଫୁଲୁରି ତେଲ ଲାଗି ହୁଏ। ଏହାକୁ ମଧ୍ୟ 'ଶ୍ରୀତୈଳ' କୁହାଯାଏ । ଓଡ଼ିଆ ମଠ ପକ୍ଷରୁ ବିଧି ଅନୁସାରେ ପ୍ରସ୍ତୁତ ଏହି ତେଲ ଅଣସରର ସପ୍ତମ ଦିନରେ ଲାଗି କରାଯାଏ। ବିଗ୍ରହରେ ଏହି ତେଲ ଘଷାଯାଏ। ଏହା ପୂର୍ବ ବର୍ଷ ହେରା ପଞ୍ଚମୀଠାରୁ ମାଟି ତଳେ ପୋତା ହୋଇ ରଖାଯାଇଥାଏ ।



**ଶ୍ରୀକପଡ଼ା ଉତ୍ସବ ବା ପଟ୍ଟାବନ୍ଧନ** : ଆଷାଢ଼ କୃଷ୍ଣ ଅଷ୍ଟମୀ ଦିନ ଶ୍ରୀଜୀଉମାନଙ୍କୁ କପଡ଼ା ବନ୍ଧନ କରାଯାଏ । ଶ୍ରୀତୈଳ ଘଷାଯିବା ପରେ କ୍ଷୀର, ଅରୁଆ ଚାଉଳ ରନ୍ଧା ଯାଇ ପଟସୂତ୍ରରେ ମର୍ଦ୍ଦନ କରାଯାଇ ବନ୍ଧା ଯାଏ। ଏହି ପଟସୂତ୍ର ଶ୍ରୀଅଙ୍ଗ ଲାଗି ହେଇଥିବାରୁ ଏହାକୁ 'ଶ୍ରୀକପଡ଼ା' କୁହାଯାଏ ।

**ମସୃଣ ଲେପନ** : ଆଷାଢ଼ କୃଷ୍ଣ ନବମୀ ଦିନ ଶ୍ରୀକାପଡ଼ା ବନ୍ଧାଯିବା ପରେ ସର୍ବାଙ୍ଗରେ ଏକ ଲେପ ଦିଆଯାଏ। ଶ୍ରୀଜୀଉମାନଙ୍କୁ ଚନ୍ଦନ, କର୍ପୂର, ରାଶିତେଲ ଏବଂ ଝୁଣା ଇତ୍ୟାଦି ଲେପନ କରାଯାଏ ।





**ଚକା ବିଜେ** : ଆଷାଢ଼ କୃଷ୍ଣ ଦଶମୀରେ ତିନୋଟି ମୁଗୁନି ପଥରର ଚକା ଅଣସର ପିଣ୍ଡିରେ ରଖାଯାଇ ବିଗ୍ରହଙ୍କୁ ଏକ ଚକା ଉପରେ ବିଜେ କରାଯାଏ। ପାରମ୍ପରିକ ରୀତି ମତେ ଦଶମୀ ତିଥିରେ ଶ୍ରୀବିଗ୍ରହମାନଙ୍କୁ ଆରୋଗ୍ୟ ହେବା ନିମନ୍ତେ ରାଜବୈଦ୍ୟଙ୍କ ପ୍ରସ୍ତୁତ ଦଶମୂଳ ମୋଦକ ସେବନ କରିବାକୁ ଦିଆଯାଇଥାଏ। ଦଶମୂଳ ମୋଦକ ବେଲଛେଲି, ଗମ୍ଭାରୀ, ଫଣଫଣା, ଅଗବଥୁ, କୃଷ୍ଣପର୍ଣ୍ଣି, ଶାଳପର୍ଣ୍ଣି, ଅକ୍ରାନ୍ତି, ପାଟେଳି ଓ ଲମ୍ବି କୋଳି ଆଦି ଚେରମୂଳିରୁ ପ୍ରସ୍ତୁତ କରାଯାଇଥାଏ। ରାଜବୈଦ୍ୟମାନେ ପ୍ରସ୍ତୁତ କରିଥିବା ଦଶମୂଳ ମୋଦକକୁ ପତି ମହାପାତ୍ର ସେବକ ଠାକୁରମାନଙ୍କୁ ଭୋଗ କରିବା ପରେ ଅଣସର ଘରେ ଶୋଇରହିଥିବା ଜୀଉମାନେ ଉଠି ଚକା ଉପରକୁ ବିଜେ କରିଥାନ୍ତି। ତିନିଟି ପଥର ଚକତି ଉପରେ ଶ୍ରୀଜୀଉମାନଙ୍କୁ ଅବସ୍ଥାପିତ କରି କସ୍ତୁରୀ, କୁଙ୍କୁମ ଇତ୍ୟାଦି ଲେପନ କରାଯାଏ। ଏହି ଚକତିମାନଙ୍କ ମଧ୍ୟରୁ ଗୋଟିକରେ ଶ୍ରୀଜଗନ୍ନାଥ ଏବଂ ଶ୍ରୀସୁଦର୍ଶନ ତଥା ଅନ୍ୟ ଗୋଟିଏ ଲେଖାଁଏରେ ଶ୍ରୀବଳଭଦ୍ର ଓ ସୁଭଦ୍ରା ଅବସ୍ଥାପିତ ହୁଅନ୍ତି ।

**ଖଡ଼ି ଲାଗି** : ଆଷାଢ଼ କୃଷ୍ଣ ଏକାଦଶୀରେ ଶ୍ରୀ ଜୀଉମାନଙ୍କୁ ଚନ୍ଦନ, କର୍ପୂର, ଚୁଆ, କସ୍ତୁରୀ ଓ କୁଙ୍କୁମ ଇତ୍ୟାଦି ମିଶ୍ରିତ କରି ଲେପନ କରାଯାଏ। ଠାକୁରମାନେ ସୁସ୍ଥ ହୋଇଥିବାରୁ ଏକାଦଶୀଠାରୁ ଅଣସର ଘରେ ଠାକୁରମାନଙ୍କ ପୂଜା ସମୟରେ ଘଣ୍ଟ ବାଜିବା ସହ, ଭୋଗରେ ତୁଳସୀ ପଡ଼ିଥାଏ । ସେହିଦିନ ରାତିରେ ବିଗ୍ରହମାନଙ୍କୁ ଖଡ଼ି ଲେପ ଦିଆଯାଏ । ଏହାକୁ ଖଡ଼ି ଲାଗି ନୀତି କୁହାଯାଏ।

**ଓଷୁଅ ଲାଗି ଓ ରାଜ ପ୍ରସାଦ ବିଜେ** : ଆଷାଢ଼ କୃଷ୍ଣ ଦ୍ୱାଦଶୀରେ ମହାପ୍ରଭୁଙ୍କର ଦେହରେ ଯେଉଁ ଔଷଧ ଲାଗି ହୁଏ ତାହା ଏକ ସ୍ୱତନ୍ତ୍ର ପଦ୍ଧତିରେ ପ୍ରସ୍ତୁତ ହୁଏ । ରାଶି ତେଲରେ ଝୁଣା, କର୍ପୂର, କସ୍ତୁରୀ ଓ କେତେକ ସୁଗନ୍ଧିତ ଦ୍ରବ୍ୟ ମିଶାଯାଇ ଏହା ରନ୍ଧାଯାଏ । ଶ୍ରୀଅଙ୍ଗରୁ ଯେଉଁ ଔଷଧ, କରାଳ, ଚନ୍ଦନ ଓ ପାଟଡ଼ୋର ଝରି ପଡ଼େ ତାହା ରୁପାଥାଳିରେ ସଂଗ୍ରହ ହୁଏ। ଏହାକୁ ନିର୍ମାଲ୍ୟ କୁହାଯାଏ । ଏହାକୁ ନେଇ ଦଇତାପତି ଓ ପତିମହାପାତ୍ର ସେବକମାନେ ଶ୍ରୀନହରକୁ ଯାଇ ଜଗନ୍ନାଥଙ୍କ ସୁସ୍ଥ ହେବା ଖବର ଦିଅନ୍ତି।



**ବନକ ଲାଗି** : ଦତ୍ତ ମହାପାତ୍ର ସେବକମାନେ ଗାଢ଼ ହେଙ୍ଗୁଳ, ଶୁଦ୍ଧ ଶଙ୍ଖ, ଅଁଳା, ତମ୍ବା, କଜ୍ୱଳ, କୁଙ୍କୁମ, ହରିତାଳ, ଫୁଲ ଖଡ଼ି ଗୁଣ୍ଡ କରି ରାଶି ତେଲ ମିଶାଇ ଏକ ରଙ୍ଗ ପ୍ରସ୍ତୁତ କରନ୍ତି। ବନକ ଲାଗିରେ ଜୀଉମାନଙ୍କର ରୂପ କାମ କରାଯାଏ ।

**ଚକା ଅସରପ** : ନୂତନ କନା ଓ ତୁଳାରେ ଯନ୍ତ୍ର ଆକାରରେ ପ୍ରସ୍ତୁତ ହୋଇଥିବା ଏବଂ ଶାସ୍ତ୍ରୀୟ ବିଧିରେ ତଥା ଶାବର ତନ୍ତ୍ର ପରମ୍ପରାରେ ସଂସ୍କାରିତ ହୋଇଥିବା ଏକ କୋମଳ ଚକା ସଦୃଶ ଗୋଲ ଆସନକୁ ବିଗ୍ରହଙ୍କୁ ଲାଗି କରାଯାଏ। ଏହାକୁ ଚକା ଅସରପ ନୀତି କୁହାଯାଏ। ଏହି ଦିନ ହିଁ ଅଣସରରର ଶେଷ ଦିବସ।



ଅଣସର ସମୟରେ ଶ୍ରୀଜୀଉମାନଙ୍କୁ ଏଭଳି ବିଭିନ୍ନ ନୀତିକାନ୍ତି କରାଯାଇଥାଏ। ଏହା ହେଉଛି ଶ୍ରୀଜଗନ୍ନାଥଙ୍କ ମାନବୀୟ ଲୀଳାର ଜ୍ୱଳନ୍ତ ଉଦାହରଣ। ■

ଶାରଳା ଭବନ , ପୋତା ପୋଖରୀ, କଟକ-୭୫୩୦୦୪
ମୋ: ୯୩୩୭୨୭୨୬୪୭



# ନୀତି ଅନୀତି ରାଜନୀତି

ଶ୍ରୀବିଦୁର

## ଶଙ୍ଖ 'ମିଶନ'; ସୁଜାତା 'ଶକ୍ତି'




ହିନ୍ଦୁ ଧର୍ମ ଓ ପାରମ୍ପରିକ ମାନ୍ୟତା ଅନୁସାରେ ଏକାଦଶୀ ତିଥି ଅତ୍ୟନ୍ତ ପବିତ୍ର ଓ ଶୁଭ ତିଥି । ନୂଆ ସଙ୍କଳ୍ପ ନେବା କିମ୍ବା ଜୀବନରେ ସକାରାତ୍ମକ ଆରମ୍ଭ କରିବା ପାଇଁ ଏହି ତିଥିକୁ ଶୁଭ ବୋଲି ଅନେକ ମନେକରିଥାଆନ୍ତି । ସମ୍ଭବତଃ ସେହି ଦୃଷ୍ଟିରୁ ଏକାଦଶୀ ତିଥିରେ ଶଙ୍ଖ ଭବନରେ ଶଙ୍ଖପତିଙ୍କ ପାଦସ୍ପର୍ଶ କରି ପୂର୍ବତନ ଆଇଏଏସ୍ ସୁଜାତା ରାଉତ ଜଣେ ସାଧାରଣ କର୍ମୀ ଭାବରେ ଶଙ୍ଖ ଦଳରେ ନିଜ ଜୀବନର ଏକ ନୂଆ ଇନିଂସ ଆରମ୍ଭ କରିଛନ୍ତି । ସଂଯୋଗକୁ ଶଙ୍ଖପତିଙ୍କ ଜନ୍ମ ମୂଳାଙ୍କ (୧+୬) ୭ ଓ ସୁଜାତାଙ୍କ ଶଙ୍ଖ ଧାରଣ ଦିବସର ଅଙ୍କ ମଧ୍ୟ (୨+୫) ୭ । ତେଣୁ କେହି କେହି ଶଙ୍ଖ ଦଳରେ ସୁଜାତାଙ୍କ ଯୋଗଦାନକୁ ଏକ ଚମତ୍କାର ସଂଯୋଗ ବୋଲି ମନେ କରୁଛନ୍ତି । ସୁଜାତାଙ୍କ ପ୍ରବେଶ ଶଙ୍ଖ ଶିବିରରେ ସ୍ୱାଭାବିକ ଉତ୍ସାହ ସୃଷ୍ଟି କରିଥିବାବେଳେ ବେଶୀ ବିବ୍ରତ ହୋଇଛନ୍ତି ଶଙ୍ଖ ବିରୋଧୀ । କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଓ ଗୋଟିଏ ଯୋଡ଼ିଏ ଗଣମାଧ୍ୟମ ସୁଜାତାଙ୍କ ଶଙ୍ଖ ଧାରଣରେ ବେଶୀ ଉଦ୍‌ବିଗ୍ନ ଥିବା ମନେ ହେଉଛି । ଶଙ୍ଖପତିଙ୍କ ସରକାର ସମୟରେ ମିଶନ ଶକ୍ତି ହାସଲ କରିଥିବା ନଭଶ୍ଚୁମ୍ବୀ ସଫଳତା ଓ ରାଜ୍ୟର ମହିଳାମାନଙ୍କର ଆର୍ଥିକ ସ୍ୱାବଲମ୍ବନ ପଛରେ ସୁଜାତାଙ୍କର ବଡ଼ ଯୋଗଦାନ ଥିବା ସମସ୍ତେ ଜାଣନ୍ତି । ଓଡ଼ିଶାର ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ ଆର୍ଥିକ ଭାବରେ ଶକ୍ତିଶାଳୀ କରିବା, ସେମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବାରେ ମିଶନଶକ୍ତିର ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ଶଙ୍ଖ 'ମିଶନ'ରେ ସୁଜାତା 'ଶକ୍ତି' ମିଶ୍ରଣ ଦଳର ନେତା ଓ କର୍ମୀ ଯେତିକି ଆନନ୍ଦିତ, ଦଳର ଲକ୍ଷଲକ୍ଷ ମହିଳା କର୍ମୀ ତହିଁରୁ ଅଧିକ ଉତ୍ସାହିତ । ■

## ଗୋପାଳପୁରରେ ଅପରାଧ ଖଣି



ବାବୁ ବିଭୂତି ଯେବେଠାରୁ ଗୋପାଳପୁରର ରାଜନୈତିକ ମଙ୍ଗ ଧରିଲେଣି, ସେବେଠାରୁ ଗଞ୍ଜାମ ଜିଲ୍ଲାର ଗୋପାଳପୁର କୁଆଡ଼େ ଅଶାନ୍ତ ହୋଇଛି ବୋଲି ତାଙ୍କ ନିନ୍ଦୁକ ଓ ବିରୋଧୀମାନେ ଦିନରାତି ଘଣ୍ଟ ପିଟୁଛନ୍ତି । ଗୋପାଳପୁର ବେଳାଭୂମିରେ ଗଣ ଦୁଷ୍କର୍ମଠାରୁ ଆରମ୍ଭ କରି ସଦ୍ୟଘଟିତ ଛାତ୍ରୀ ଆତ୍ମହତ୍ୟା ପ୍ରସଙ୍ଗ ଜିଲ୍ଲାରୁ ଆରମ୍ଭ କରି ରାଜ୍ୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି । କେଇମାସ ତଳେ ଜିଲ୍ଲାରେ ବିଭିନ୍ନ ଅପରାଧିକ ଘଟଣାରେ ବିଭୂତି ବାବୁଙ୍କ ଘନିଷ୍ଠ ଅନୁଗତମାନଙ୍କ ସମ୍ପୃକ୍ତି ଥିବା ଓ ଜିଲ୍ଲାର କୁଖ୍ୟାତ ବାଲି ମାଫିଆମାନଙ୍କ ଉପରେ ବିଭୂତିଙ୍କ ଅଭୟ ହାତ ଥିବା ତାଙ୍କ ବିରୋଧୀମାନେ ଅଭିଯୋଗ କରୁଥିଲେ । ମାତ୍ର ଏବେ ଘଟିଥିବା ଘଟଣାରେ ଖୋଦ୍ ତାଙ୍କ ପରିବାରର ଲୋକମାନଙ୍କ ଆଡ଼କୁ ଅଙ୍ଗୁଳି ଉଠିଛି । ପୂର୍ବରୁ ଏକ ଘଟଣାରେ ତାଙ୍କର ଜଣେ ପୁତୁରାର ସମ୍ପୃକ୍ତି ଅଭିଯୋଗ ହୋଇଥିଲେ ହେଁ ଶେଷରେ ଚାର୍ଜସିଟ୍‌ରୁ ତାଙ୍କ ନାମ କଟି ଯାଇଥିଲା, ମାତ୍ର ଏବେ ଛାତ୍ରୀ ଆତ୍ମହତ୍ୟା ମାମଲାରେ ସମ୍ପୃକ୍ତ ଅଭିଯୋଗରେ ବିଭୂତିବାବୁଙ୍କ ଆଉଜଣେ ପୁତୁରା ବନ୍ଦୀ ହୋଇ ଜେଲ୍‌କୁ ଯାଇଛନ୍ତି । ଏହି ଘଟଣା ପରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଅପରାଧର ଖଣି ପାଲଟିଥିବା ଚର୍ଚ୍ଚା ସାମାଜିକ ଗଣମାଧ୍ୟମରେ ଲହଡ଼ି ଭାଙ୍ଗୁଛି । ମାତ୍ର ଗେରୁଆ ନେତା ବିଭୂତି ବାବୁ ମୁହଁଟାଣ ଛାଡୁଛନ୍ତି କେଉଁଠି? ଏହି ସବୁ ଘଟଣା ତାଙ୍କୁ ରାଜନୈତିକ ଷଡ଼ଯନ୍ତ୍ର ମନେ ହେଉଛି । କାଦମ୍ବରୀମତ୍ତ ଯଦୁବଂଶୀ ଯୁବକମାନଙ୍କ ଚପଳତା ପାଇଁ ଯଦୁବଂଶ ଧ୍ୱଂସ ହୋଇ ଯାଇଥିଲା, ଶ୍ରୀକୃଷ୍ଣ ବି ନିଜ ବଂଶକୁ ରକ୍ଷା କରିପାରି ନ ଥିଲେ । ବିଭୂତି ବାବୁ ସମ୍ଭବତଃ ଏହି କାହାଣୀକୁ ବିସ୍ମରି ଯାଇଥିବା ମନେ ହେଉଛି । ■

## ଅନାଥ ହେଲେଣି ସୁଶାନ୍ତ



ଜେଲ ବିଭାଗ ମୁଖିଆ ସୁଶାନ୍ତ ନାଥ କୁଆଡ଼େ ଏବେ ଅନାଥ ହୋଇ ଯାଇଛନ୍ତି । ପୂର୍ବରୁ ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀରେ ତାଙ୍କ ଭୂମିକାକୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲେ । ଏବେ ରାଜ୍ୟର ଗୋଟିକ ପରେ ଗୋଟିଏ ଜେଲରେ ବ୍ୟାପକ ଅବ୍ୟବସ୍ଥା ଖବର ଆସୁଥିବା ସମୟରେ ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣା ତାଙ୍କୁ ଅକଳରେ ପକାଇ ଦେଇଛି । ଚୌଦ୍ୱାର ଜେଲ୍‌ର ଅଧିକାରୀଙ୍କ ମଧ୍ୟରେ ବିବାଦ ଓ ଅଧୀକ୍ଷକଙ୍କୁ ଅଭୟ ଆଶିଷ ଦେଇ ନାଥ ସାହେବ ସମାଲୋଚନାର ଶରବ୍ୟ ହୋଇଛନ୍ତି । ଏହି ସମୟରେ ସାଂସଦ ସୁଜିତ୍‌କୁମାର ଖୋଦ୍ ଜେଲ ବିଭାଗ ବିରୋଧରେ ଥାନାରେ ଏତଲା ଦେବା ପରିସ୍ଥିତିକୁ ଆହୁରି ସଙ୍ଗୀନ କରି ଦେଇଛି । ଯଦି ନିଜ ବଦଳି ପାଇଁ ଦସ୍ତଖତ ଜାଲିଆତି କରିଥିବା ଜଣେ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ମାମଲା ହେଲା, ତାଙ୍କୁ ଗିରଫ କରାଗଲା; ତେବେ ଚୌଦ୍ୱାର ଜେଲ ଅଧୀକ୍ଷକଙ୍କ ବିରୋଧରେ ଅନୁରୂପ ଅଭିଯୋଗ ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି ସାଂସଦ ପ୍ରଶ୍ନ କରିଛନ୍ତି । ଖାଲି ପ୍ରଶ୍ନ କରିଥିଲେ ତ ଚଳିଥାଆନ୍ତା, ଚୌଦ୍ୱାର ଜେଲରୁ କଏଦୀ ଫେରାର ଘଟଣାରେ ଜେଲ ମୁଖିଆ ଓ ତାଙ୍କ ନିର୍ଦ୍ଦେଶାଳୟର କର୍ମଚାରୀଙ୍କ ସଂପୃକ୍ତି ଥିବା ସିଧାସଳଖ ଅଭିଯୋଗ କରିଛନ୍ତି । କଏଦୀ ଫେରାର ହେବା ଘଟଣା ସହ ଦସ୍ତଖତ ଜାଲିଆତି, ସରକାରୀ କାଗଜପତ୍ର ହେରଫେର, ସରକାରୀ ରେକର୍ଡ ସହିତ ହେରଫେର ଓ ସରକାରୀ ପଦବୀର ଅପବ୍ୟବହାର ଆଦି ସଙ୍ଗୀନ ଅଭିଯୋଗ ପରେ ବିଚରା ନାଥ ସାହେବ ଅନାଥ ହୋଇ ଯାଇଛନ୍ତି । ■

## ଶେଷରେ ପଡ଼ିଲା ହାତଗଣ୍ଠି



ଶେଷରେ ଦି' ହାତରୁ ଚାରିହାତ ହୋଇଛନ୍ତି ଜଗତସିଂହପୁର ବିଷ୍ଣୁତନୟ ବିଜୟଶଙ୍କର । ସାମାଜିକ ଗଣମାଧ୍ୟମରେ ବିଜୟଙ୍କ ବିବାହ ଦୃଶ୍ୟକୁ ତାଙ୍କର କିଛି ଅନୁଗତ ଓ ଶ୍ରଦ୍ଧାଶୀଳ ବନ୍ଧୁମାନେ ପୋଷ୍ଟ କରିବା ପରେ ଶେଷରେ ଏହା ଲୋକଲୋଚନକୁ ଆସିଛି । ଏହା ମଧ୍ୟରେ ଅନେକ ବିଧାୟକ, ପୂର୍ବତନ ବିଧାୟକ, ବିଧାୟକ ପ୍ରାର୍ଥୀ ବିବାହ କରିଛନ୍ତି । ଭଦ୍ରକର ଏକ ରାଜନେତା ଦମ୍ପତି ଜଣେ ମନ୍ତ୍ରୀଙ୍କୁ ହ୍ୱାଇଁ କରିବା ପାଇଁ କିଛି ଦିନ ତଳେ ଶଙ୍ଖ ଦଳ ତ୍ୟାଗ କରି ଅନ୍ୟ ଦଳରେ ସାମିଲ ହୋଇଥିବା ଚର୍ଚ୍ଚା ହେଉଛି । ମାତ୍ର ଏହା ମଧ୍ୟରେ ବିଜୟଶଙ୍କରଙ୍କ ବିବାହଟି ସର୍ବାଧିକ ଚର୍ଚ୍ଚାରେ ରହିଛି । ବିଧାୟକ ଥିବା ସମୟରେ ବିବାହ ପ୍ରତିଶ୍ରୁତି ଓ ପ୍ରତାରଣାକୁ ନେଇ ବିଜୟଶଙ୍କର ବେଶ୍ ବିବାଦୀୟ ହୋଇଥିଲେ । ବିଜୟଙ୍କ ବିରୋଧରେ ତାଙ୍କର ତଥାକଥିତ ପ୍ରେମିକା ସାଂଘାତିକ ଅଭିଯୋଗମାନ ଆଣିଥିଲେ । ମାମଲା ଅଦାଲତ ପର୍ଯ୍ୟନ୍ତ ବି ଯାଇଥିଲା ଓ ଜିଲ୍ଲା ରାଜନୀତି ସରଗରମ ହୋଇଥିଲା । ବିଜୟ ରାଜନୀତିରେ ଯେତିକି ପ୍ରସିଦ୍ଧି ପାଇ ନ ଥିଲେ; ନିଜର ପ୍ରେମକାହାଣୀକୁ ନେଇ ତା'ଠାରୁ ବେଶୀ ଚର୍ଚ୍ଚାରେ ରହିଥିଲେ । ଯେଉଁଥି ପାଇଁ ତାଙ୍କୁ ଦଳ ଗତ ବିଧାନସଭା ନିର୍ବାଚନ ସମୟରେ ଟିକଟ ଦେଲା ନାହିଁ ବୋଲି ବି ସେତେବେଳେ ଆଲୋଚନା ହୋଇଥିଲା । ଯା ପରେ ଦୀର୍ଘ ଦି' ବର୍ଷ ପରେ ସେହି ମାମଲା ଥଣ୍ଡା ପଡ଼ିଛି ଓ ବିଜୟ ତାଙ୍କର ବାନ୍ଧବୀ ପ୍ରତ୍ୟୁଷା ନନ୍ଦଙ୍କ ପାଣିଗ୍ରହଣ କରିଛନ୍ତି । ରାଜଧାନୀରେ ଏକ ହୋଟେଲରେ ଏହି ବିବାହ ଉତ୍ସବରେ ତାଙ୍କର ଅନେକ ଘନିଷ୍ଠ ବନ୍ଧୁ ଉପସ୍ଥିତ ଥିଲେ ହେଁ ଦଳର କୌଣସି ନେତାଙ୍କୁ ଦେଖିବାକୁ ନ ମିଳିବା ବିଜୟଙ୍କ ରାଜନୈତିକ ଭବିଷ୍ୟତ କ'ଣ ତାହା ଜଣା ପଡୁନାହିଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

ଶ୍ରୀଜଗନ୍ନାଥ ସଂସ୍କୃତି ସହ ଅଲାରନାଥ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସ୍ଥଳ ବିଶେଷରେ ତାଙ୍କୁ ଶ୍ରୀଜଗନ୍ନାଥଙ୍କର ବିକଳ୍ପ ରୂପେ ଗ୍ରହଣ କରାଯାଇଥାଏ । ସ୍ନାନ ଯାତ୍ରା ପରେ କ୍ଷେତ୍ରାଧିଶ ଶ୍ରୀଜଗନ୍ନାଥ ଅଣସର (ଅନବସର) ଘରକୁ ଚାଲି ଯାଆନ୍ତି । ପାରମ୍ପରିକ ନୀତିକାନ୍ତି ସେଠାରେ ସଂପନ୍ନ ହୁଏ । ତାଙ୍କୁ ଜ୍ୱର ହେବାରୁ ୧୫ ଦିନ କାଳ ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି ନାହିଁ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସୃଷ୍ଟି ହୁଏ ଦୂରତ୍ୱ । ଦୂରତ୍ୱର ସମାଧାନ ରୂପେ ଅଲାରନାଥ ଉଭା ହୁଅନ୍ତି । ଅଣସର ସମୟରେ ଅଲାରନାଥଙ୍କୁ ଦର୍ଶନ କଲେ କୋଟି ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ସେହିପରି ଏହି ସମୟରେ ଶ୍ରୀଜୀଉମାନଙ୍କ ବିକଳ୍ପ ରୂପେ ପଟିଦିଅଁ ଦର୍ଶନ କରିବାର ପରମ୍ପରା ପ୍ରଚଳିତ ।



ଶ୍ରୀଜଗନ୍ନାଥଙ୍କ ଅଣସରକାଳୀନ ବିକଳ୍ପ

# ଅଲାରନାଥ ଓ ପଟିଦିଅଁ



### ଅଣସରରେ ଅଲାରନାଥଙ୍କ ଦର୍ଶନ



ଡକ୍ଟର ବାସନ୍ତୀ ମହାନ୍ତି

ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଯେଉଁ ପୁଣ୍ୟ ମିଳେ ଅନବସର କାଳରେ ଅଲାରନାଥଙ୍କୁ ଦର୍ଶନ କଲେ ସମଭାବରେ ତାହା ମିଳିଥାଏ । ଅନୁଭବ କିନ୍ତୁ ଟିକେ ନିଆରା । ଅଲାରନାଥଙ୍କ ପ୍ରସାଦ ଖିରୀ ସମସ୍ତଙ୍କୁ ଆକର୍ଷିତ କରିଥାଏ । ଏ ଖିରୀ ଭାବର ଭକ୍ତିର । ନିଷ୍କପଟ ଈଶ୍ୱର ବିଶ୍ୱାସର । ଶିଶୁଟିଏ ମନ୍ତ୍ର ଜାଣେ ନାହିଁ, ତନ୍ତ୍ର ଜାଣେ ନାହିଁ, ଭକ୍ତି କ'ଣ ଜାଣେ ନାହିଁ । କେବଳ ନିଷ୍କପଟ ହୃଦୟରେ ପୂଜକ ମା'ମୁଙ୍କ ଅନୁପସ୍ଥିତିରେ, ମାଈଁଙ୍କ ନିର୍ଦ୍ଦେଶରେ ଅଲାରନାଥଙ୍କ ପ୍ରିୟ ମାଇଁ ସ୍ୱହସ୍ତ ପ୍ରସ୍ତୁତି ଖିରୀ ଥାଳି ଅଲାରନାଥଙ୍କ ପାଖକୁ ଠେଲି ଦେଇ କହୁଛି - ଆ ଅଲାର ଖା' ଖିରୀ, ମାମୁ ଯାଇଛି ବିଦେଶ କରି । ଅଲାର ସ୍ୱସ୍ଥାନରୁ ଓହ୍ଲେଇ ଆସି ହାମୁଡ଼େଇ ପଡ଼ନ୍ତି ଖିରୀ ଥାଳିରେ । ଖାଲି ଥାଳି ମାଇଁଙ୍କୁ ଫେରାଇଲା ବେଳକୁ ମାଇଁର ବିଶ୍ୱାସ ହୁଏ ନାହିଁ ବଗୁଲିଆ ଟୋକାଟାର ଏକଥା । ମାଇଁ ସତ୍ୟତା ପରୀକ୍ଷା କରିବାକୁ ଯାଇ ଯାହା ଦେଖନ୍ତି ସେଥିରେ ହତବମ୍ବ ହୋଇଯାନ୍ତି । ଏ ହେଉଛନ୍ତି ଅଲାରନାଥ । ଶ୍ରୀଜଗନ୍ନାଥଙ୍କର ସାମୟିକ ବିକଳ୍ପ । ନାମ ସିନା ବଦଳିଯାଏ, ଧାମ ସିନା ବଦଳିଯାଏ କିନ୍ତୁ ବଦଳେ ନାହିଁ ଭକ୍ତି । ଭକ୍ତି ତ ଅଚଳା । ଭକ୍ତ ଭଗବାନଙ୍କ ସଂପର୍କ ଅତୁଟ । ରୂପ ବଦଳିଲେ ବଦଳିଯାଏ ନାହିଁ ତତ୍ତ୍ୱ । ଧାମ ବଦଳିଲେ ବଦଳିଯାଏ ନାହିଁ ଚେତନା । ଜଗନ୍ନାଥ ସର୍ବବ୍ୟାପୀ, ସ୍ଥାନ କାଳ ପାତ୍ରଠାରୁ ସେ ଊର୍ଦ୍ଧ୍ୱରେ । ଏ ପ୍ରସଙ୍ଗରେ ଜଗନ୍ନାଥଙ୍କ ଦର୍ଶନାଭିଳାଷୀଙ୍କ ପାଇଁ ବିକଳ୍ପ ରୂପେ ଉଭା ହୋଇଥିବା ଅଲରାନାଥଙ୍କ ବୈଶିଷ୍ଟ୍ୟ ନିଆରା । ଶ୍ରୀଜଗନ୍ନାଥଙ୍କ ପାଖରେ ଯେଉଁ ସବୁ ନୀତି କାନ୍ତି ହୁଏ ଅଲାରନାଥଙ୍କ ପାଖରେ ସେ ସବୁ ସମ୍ପନ୍ନ ହୁଏ । ଅଲାରନାଥଙ୍କର ଖିରୀ ଅତିପ୍ରିୟ । ଦଶସେର କ୍ଷୀରରେ ଏକ ହାଣ୍ଡି ଖିରୀ ପ୍ରସ୍ତୁତ ହୁଏ । ଅଣସର ସମୟରେ ପଚାଶ ହଣ୍ଡା ଖିରୀ ପ୍ରସ୍ତୁତ ହୋଇଥାଏ । ମଧ୍ୟାହ୍ନରେ ଖିରୀ ଭୋଗ କରାଯାଇ ପହଡ଼ ପଡ଼ିଥାଏ ।

ଖ୍ରୀଷ୍ଟୀୟ ସପ୍ତମରୁ ନବମ ଶତାବ୍ଦୀ ମଧ୍ୟରେ ଦକ୍ଷିଣ ଭାରତରେ ଆଲ୍ୱାର ପନ୍ଥୀମାନଙ୍କର ଆବିର୍ଭାବ ହୋଇଥିଲା । ଏମାନେ ବିଷ୍ଣୁ ଭକ୍ତ । ବିଷ୍ଣୁଭକ୍ତମାନଙ୍କୁ ଆଲ୍ୱାର କୁହାଯାଉଥିଲା । ଭକ୍ତିରେ ପ୍ରେମଭାବ ଏହି ସାଧୁସନ୍ଥମାନଙ୍କ ଦ୍ୱାରା ଉଦ୍ଭବ ହୋଇଥିଲା । ରାଧାପ୍ରସଙ୍ଗ ଏମାନଙ୍କର ସୃଷ୍ଟି ବୋଲି ଗବେଷକମାନେ କହନ୍ତି । ପୁରୀ ଶ୍ରୀକ୍ଷେତ୍ର ସର୍ବଧର୍ମ ସମନ୍ୱୟ ଓ ସମୀକରଣର ପୀଠ । ସମୟ କ୍ରମେ ଦକ୍ଷିଣୀ ଉଚ୍ଚାରଣ ଆଲ୍ୱାର ଅଲାର ଓ ପରେ ଅଲାରନାଥରେ ପରିଣତ ହୋଇଯାଇଛନ୍ତି ।

### କିମ୍ବଦନ୍ତୀ

୧୧୦୦/୧୨୦୦ ଶତାବ୍ଦୀ ସୋମବଂଶୀ ରାଜାଙ୍କର ରାଜତ୍ୱକାଳ ବୋଲି ଗବେଷକମାନେ ମତ ଦିଅନ୍ତି । ଏହି ମନ୍ଦିରର ଚତୁଃପାର୍ଶ୍ୱରେ ଆମର ପାରମ୍ପରିକ ମନ୍ଦିର ପରି ଶିବ, ମା' ଲକ୍ଷ୍ମୀ, ନବଗ୍ରହ, ଶ୍ରୀଚୈତନ୍ୟ ଆଦି ବିଭିନ୍ନ ଦେବଦେବୀ ଅଛନ୍ତି । ସେହିପରି ଭୋଗ ମଣ୍ଡପ, ମୁଖଶାଳା ଓ ନାଟ୍ୟ ମଣ୍ଡପ ମଧ୍ୟ ରହିଛି । ଅଲାରନାଥଙ୍କ ଚତୁଃପାର୍ଶ୍ୱରେ ତୋରଣ ରହିଛି । ତୋରଣ ତଳେ ଅଛନ୍ତି ଭୂଦେବୀ, ଶ୍ରୀଦେବୀ ।

ଏଠାରେ ସୃଷ୍ଟିକର୍ତ୍ତା ବ୍ରହ୍ମା ଭଗବାନ ବିଷ୍ଣୁଙ୍କ ଦର୍ଶନ ପାଇଁ ଘୋର ତପସ୍ୟା କରୁଥିଲେ । ଶେଷରେ ବିଷ୍ଣୁ ପ୍ରକଟ ହୋଇ କହିଲେ ତମେ ଏଠି ମୋ ପାଇଁ ମନ୍ଦିରଟିଏ କରିଦିଅ । ବ୍ରହ୍ମା ତଆରି କରିଥିଲେ ଚତୁର୍ଦ୍ଧା ମୂର୍ତ୍ତି । ଏହି ମୂର୍ତ୍ତି ଅଲାର ନାମରେ ପରିଚିତ ହେଲେ । ଯେଉଁ ପାହାଡ଼ ଉପରେ ବ୍ରହ୍ମା ତପସ୍ୟା କରୁଥିଲେ ତାହା ବ୍ରହ୍ମଗିରି ନାମରେ ପରିଚିତ ହେଲା । ଏହାଛଡ଼ା ଆଉ ଏକ କିମ୍ବଦନ୍ତୀ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିଥିଲେ । ବ୍ରହ୍ମା ସ୍ୱର୍ଗରୁ ଆସି ପ୍ରଥମେ ଯେଉଁ ପାହାଡ଼ରେ ପାଦ ଦେଇଥିଲେ ତାହା ହିଁ ବ୍ରହ୍ମଗିରି । ବିଷ୍ଣୁଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ତାଙ୍କ ମୂର୍ତ୍ତି ସ୍ଥାପନା କରିଥିଲେ । ପରବର୍ତ୍ତୀ କାଳରେ ବିଷ୍ଣୁ ଉପାସକ ଅଲୱାରମାନଙ୍କ ଦ୍ୱାରା ପୂଜିତ ହେବାରୁ ତାଙ୍କ ନାମ ଅଲାରନାଥ ନାମରେ ଖ୍ୟାତି ଅର୍ଜନ କଲା ।


ପୁରୁଷୋତ୍ତମ ଚନ୍ଦ୍ରିକା ଅନୁସାରେ ଅଲବନ୍ଦ ଆଚାର୍ଯ୍ୟ ନାମକ ଜଣେ ଭକ୍ତ ଅଣସର ଘରେ ଶ୍ରୀଜଗନ୍ନାଥଙ୍କୁ ଦେଖିବା ପାଇଁ ସୋଲାଖିଆ ଗଛ ଉପରେ ମହୁମାଛି ହୋଇ ପ୍ରବେଶ କରିବାରେ ବିଫଳ ହୋଇଥିଲେ । ତେଣୁ ସମୁଦ୍ରରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିଲେ । ଏକ ବିରାଟ କାୟ ମର୍କଟ ତାଙ୍କୁ ବାଧା ଦେବାରୁ ସେ ଆସି ଅଲାରନାଥ ପୀଠରେ ପଡ଼ିଥିଲେ । ସେଠାରେ ଥିବା ବିଷ୍ଣୁଙ୍କୁ ସେ ପୂଜା କରୁଥିବାରୁ ପୀଠଟିର ନାମ ଅଲବନ୍ଦାଚାର୍ଯ୍ୟରୁ ଅଲାରନାଥ ହୋଇଛି । ଚୈତନ୍ୟ ଏହି ପୀଠକୁ ଆସିଥିଲେ । ଜଗନ୍ନାଥଙ୍କ ବିରହରେ ତାଙ୍କ ଶରୀର ଜଳୁଥିଲା । ସେଠାରେ ଥିବା ଏକ ପଥରକୁ ସେ ନମସ୍କାର କରନ୍ତେ ତାହା ତରଳି ତାଙ୍କ ରୂପ ନେଇ ଯାଇଥିଲା । ଆଜି ପର୍ଯ୍ୟନ୍ତ ଏହି ପଥରଟି ସେଠାରେ ରହିଛି । ଏହାକୁ ସର୍ବାଙ୍ଗଶିଳା ରୂପେ ପୂଜା କରାଯାଉଛି ।

### ଅଲାରନାଥ ପୀଠରେ ପର୍ବପର୍ବାଣି



ଅନବସର ସମୟରେ ଏଠାରେ ବହୁ ଜନ ସମାଗମ ହୋଇଥାଏ । ଶ୍ରୀଜଗନ୍ନାଥଙ୍କ ଯାହା ପର୍ବପର୍ବାଣି ବର୍ଷଟା ସାରା ପାଳିତ ହୋଇଥାଏ, ସେସବୁ ଏଠାରେ ସମ୍ପନ୍ନ ହୁଏ । ଚିତାଲାଗି, ଗହ୍ମାପୂର୍ଣ୍ଣିମା, କୁମାର ପୂର୍ଣ୍ଣିମା, ବିଜୟା ଦଶମୀ, ଦେବ ଦୀପାବଳି, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି, ବକୁଳ ଅମାବାସ୍ୟା ଇତ୍ୟାଦି । ଦ୍ୱାରଫିଟା, ମଙ୍ଗଳ ଆଳତୀ, ଅବକାଶ, ବଲ୍ଲଭ ଅନ୍ନଭୋଗ ବଡ଼ସିଂହାର ଓ ପହୁଡ଼ ଆଦି ତାଙ୍କର ଦୈନନ୍ଦିନ ସେବା । ଶ୍ରୀଜଗନ୍ନାଥ ସଂସ୍କୃତି ସହ ଅଲାରନାଥଙ୍କ ସଂପୃକ୍ତି ଆମ ମୈତ୍ରୀଦେବ ଶ୍ରୀଜଗନ୍ନାଥଙ୍କର ଉଦାର ମାନବତାବାଦର ଉଦ୍‌ଘୋଷଣା କରେ ।

### ପଟିଦିଅଁ ଦର୍ଶନ



ହିନ୍ଦୁଧର୍ମରେ ପ୍ରଚଳିତ ଆଠ ପ୍ରକାର ମୂର୍ତ୍ତି ସଂପର୍କରେ ବ୍ୟାସଦେବ ଶ୍ରୀମଦ୍ ଭାଗବତ୍ ପୁରାଣର ଏକାଦଶ ସ୍କନ୍ଦରେ ଉଲ୍ଲେଖ କରିଛନ୍ତି । ସେମାନେ ହେଉଛନ୍ତି - ଶୈଳୀ (ଶିଳା), ଦାରବୀ (ଦାରୁ), ଲୌହୀ (ଯେକୌଣସି ଧାତୁ ସୁନା ରୁପା ଲୁହା ଇତ୍ୟାଦି), ଲେପ୍ୟା (ମାଟି), ଲେଖ୍ୟା (କାଷ୍ଠ କଥା କାଗଜରେ ଅଙ୍କା ଯାଇଥିବା ଛବି), ସିକତୀ (ବାଲି), ମଣିମୟୀ (ମୋତି ମାଣିକ୍ୟ ହୀରା ଆଦି ମୂଲ୍ୟବାନ ପଥର ନିର୍ମିତ) ମାନସୀ - ନିଜ ମନ କିମ୍ବା ଧ୍ୟାନ ମଧ୍ୟରେ କଳ୍ପନା କରାଯାଇଥିବା ପ୍ରତିମା ।

ଅନବସର କାଳରେ ଶ୍ରୀଜୀଉମାନଙ୍କର ବିକଳ୍ପ ରୂପେ ପଟିଦିଅଁ ଦର୍ଶନ କରିବାର ଯେଉଁ ବିଧି ବ୍ୟବସ୍ଥା ରହିଛି, ତାହା ବ୍ୟାସଙ୍କ କାଳରୁ ପ୍ରଚଳିତ ଶାସ୍ତ୍ର ସମ୍ମତ ବ୍ୟବସ୍ଥା । ପଟିଦିଅଁ ଶ୍ରୀମନ୍ଦିରର ଏକ ଗୁପ୍ତ ଓ ସ୍ୱତନ୍ତ୍ର ନୀତିକାନ୍ତି । ଶ୍ରୀଜଗନ୍ନାଥ ସ୍ନାନଯାତ୍ରା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରକୁ ଯାଆନ୍ତି । ରତ୍ନସିଂହାସନ ଶୂନ୍ୟ ହୁଏ । ସେତିକିବେଳେ ତାଙ୍କର ପ୍ରତିନିଧିତ୍ୱ କରନ୍ତି ପଟିଦିଅଁ । ଉତ୍କଳୀୟ କଳା ପରମ୍ପରା ପଟ୍ଟଚିତ୍ରରେ ଅଙ୍କିତ ଚିତ୍ର ପ୍ରତିମା । ଶ୍ରୀଦିଅଁମାନଙ୍କର ନାମକରଣ ନିମ୍ନ ପ୍ରକାରେ ହୋଇଥାଏ । ବଳଭଦ୍ର - ଅନନ୍ତ ବାସୁଦେବ, ସୁଭଦ୍ରା – ମା' ଭୁବନେଶ୍ୱରୀ, ଶ୍ରୀଜଗନ୍ନାଥ - ଅନନ୍ତ ନାରାୟଣ । ସୁଦର୍ଶନ - ତାଙ୍କ ସ୍ୱହସ୍ତ ଚକ୍ର ରୂପେ ଶୋଭା ପାଆନ୍ତି । ଚିତ୍ରଗୁଡ଼ିକ ଆମ ପାରମ୍ପରିକ ଶିଳ୍ପୀମାନଙ୍କ ଦ୍ୱାରା ନିଷ୍ଠାର ସହ ଅଙ୍କନ କରାଯାଇଥାଏ । ଏହାର ଆକାର ପ୍ରାୟ ଚାରି ଫୁଟ ଚଉଡ଼ା ଓ ସାଢ଼େ ପାଞ୍ଚ ଫୁଟ ଉଚ୍ଚତା ହୋଇଥାଏ । ଶ୍ରୀଜୀଉଙ୍କ ପ୍ରତିମା ସହ ସଖୀମାନଙ୍କ ଚିତ୍ର ଥାଏ । ଦାରୁ ବିଗ୍ରହ ଯେପରି ଦାରୁବ୍ରହ୍ମ ରୂପେ ପୂଜା ପାଆନ୍ତି ଅନବସର କାଳରେ ପଟିଦିଅଁ ପଟ୍ଟବ୍ରହ୍ମ ରୂପେ ପୂଜା ପାଆନ୍ତି । ଅନବସର ଶେଷ ହେଲେ ଏହି ପଟି ଦିଅଁମାନଙ୍କୁ ବିସର୍ଜନ କରିଦିଆଯାଏ । ଦାରୁ ବିଗ୍ରହମାନେ ରତ୍ନସିଂହାସନରେ ବିରାଜମାନ କରନ୍ତି । ■

୨୧୩ ସି-ବ୍ଲକ୍, ଏମେରାଲ୍ଡ ଆପାର୍ଟମେଣ୍ଟ
ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬. ମୋ: ୯୪୩୭୦୩୩୦୭୪

## କେମିତି କଟିବ ସପ୍ତାହ

**ମେଷ** - ରବି, ସୋମ, ମଙ୍ଗଳବାରରେ ପରିଶ୍ରମ ଅନୁସାରେ ଫଳ ପାଇବେ । କର୍ମକ୍ଷେତ୍ରରେ ଉଚ୍ଚଅଧିକାରୀଙ୍କ ସହଯୋଗ ପାଇବେ । ବୁଧ, ଗୁରୁବାରରେ ଅଭାବ ଅସୁବିଧା ଦୂର ହେବ । ଶୁକ୍ର, ଶନିବାରରେ ଆର୍ଥିକ ଉନ୍ନତି ପରିଲକ୍ଷିତ ହେବ । ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ ।

**ବୃଷ** - ରବି, ସୋମ, ମଙ୍ଗଳବାରରେ ଧନସମ୍ମାନ ପ୍ରାପ୍ତି ହେବ । କ୍ୟାରିୟରରେ ଉନ୍ନତି କରିବେ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚ କରି ଆର୍ଥିକ ଚାପର ଶିକାର ହେବେ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶରେ କାର୍ଯ୍ୟ କରିବେ । ବନ୍ଧୁ ଆଗମନରେ ଉତ୍ସାହିତ ହେବେ ।

**ମିଥୁନ** - ରବି, ସୋମ, ମଙ୍ଗଳବାରରେ ସମାଜରେ ପ୍ରତିଷ୍ଠିତ ହେବା ପରି କାର୍ଯ୍ୟ କରିବେ । ବୁଧ, ଗୁରୁବାରରେ ଲୋକପ୍ରିୟତା ପାଇବେ । ଶୁକ୍ର, ଶନିବାରରେ ବ୍ୟବସାୟରେ ମନ୍ଥରତା ଦେଖାଦେବ । ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବେ ।

**କର୍କଟ** - ରବି, ସୋମ, ମଙ୍ଗଳବାରରେ ଅକସ୍ମାତ୍ ସମସ୍ୟାରେ ପଡ଼ିଯାଇପାରନ୍ତି । ବୃଥାଭ୍ରମଣ କରି ଅସୁସ୍ଥ ମନେ କରିବେ । ବୁଧ, ଗୁରୁବାରରେ ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି । ଶୁକ୍ର, ଶନିବାରରେ ଅର୍ଥପ୍ରାପ୍ତି ଯୋଗ ରହିଛି । ଆବଶ୍ୟକତାଠାରୁ ଅଧିକ ଆଶା କରନ୍ତୁ ନାହିଁ ।

**ସିଂହ** - ରବି, ସୋମ, ମଙ୍ଗଳବାରରେ ଅଯଥା ବ୍ୟୟ ବଢ଼ିବାକୁ ଲାଗିବ । କର୍ମକ୍ଷେତ୍ରରେ ଅବହେଳା କରି ଅପମାନିତ ହୋଇପାରନ୍ତି । ବୁଧ, ଗୁରୁବାରରେ ନୂତନ ଦ୍ରବ୍ୟାଦି ଲାଭ କରିବେ । ଶୁକ୍ର, ଶନିବାରରେ ପ୍ରେମ ଓ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ନୂତନ ନିବେଶ କରି ଲାଭାନ୍ୱିତ ହେବେ ।

**କନ୍ୟା** - ରବି, ସୋମ, ମଙ୍ଗଳବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧିପାଇବ । ଭାବନାକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ । ବୁଧ, ଗୁରୁବାରରେ ଭବିଷ୍ୟତ ଯୋଜନା ଫଳପ୍ରସୂ ହେବ । ଶୁକ୍ର, ଶନିବାରରେ ବୁଦ୍ଧି ବିବେକ ଅନୁସାରେ କାର୍ଯ୍ୟ ହାସଲ କରିବେ ।

**ତୁଳା** - ରବି, ସୋମ, ମଙ୍ଗଳବାରରେ ଆବଦ୍ଧଯୋଗ ଦେଖାଦେଇପାରେ । ଅନ୍ୟକୁ ଦେଇଥିବା କଥା ରକ୍ଷା କରିବାକୁ ପଡ଼ିବ । ବୁଧ, ଗୁରୁବାରରେ କାର୍ଯ୍ୟରେ ସଫଳତା ପାଇବେ । ଶୁକ୍ର, ଶନିବାରରେ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିବେ । ବ୍ୟବସାୟିକ ଶୁଭଫଳ ମିଳିବ ।

**ବିଛା** - ରବି, ସୋମ, ମଙ୍ଗଳବାରରେ ଚଳଚଞ୍ଚଳ ରହିବେ । ଶତ୍ରୁଙ୍କ କୂଟଚକ୍ରାନ୍ତର ଶିକାର ହୋଇପାରନ୍ତି । ବୁଧ, ଗୁରୁବାରରେ ଆଧ୍ୟାତ୍ମିକ ଚିନ୍ତାରେ ସମୟ ଅତିବାହିତ କରିବେ । ଶୁକ୍ର, ଶନିବାରରେ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇପାରେ । ବନ୍ଧୁବାନ୍ଧବଙ୍କ ସହ ସମ୍ପର୍କରେ ନିବିଡ଼ତା ଆସିବ ।

**ଧନୁ** - ରବି, ସୋମ, ମଙ୍ଗଳବାରରେ ଗୁରୁଜନଙ୍କ ସହଯୋଗ ପାଇବେ । ଯଥାସମୟରେ କାର୍ଯ୍ୟ କରି ପ୍ରଶଂସିତ ହେବେ । ବୁଧ, ଗୁରୁବାରରେ ପାରିବାରିକ ସମସ୍ୟାରେ ଦୁଃଖ ପାଇପାରନ୍ତି । ଶୁକ୍ର, ଶନିବାରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । ପୁରୁଣା କଥାକୁ ନେଇ ଚିନ୍ତିତ ରହିପାରନ୍ତି ।

**ମକର** - ରବି, ସୋମ, ମଙ୍ଗଳବାରରେ ଅକସ୍ମାତ୍ ସାହାଯ୍ୟ ସହଯୋଗ ପାଇବେ । ନୂତନ ନିଯୁକ୍ତି ସୁଯୋଗ ରହିଛି । ବୁଧ, ଗୁରୁବାରରେ ସମସ୍ୟାକୁ ଭୁଲି ଖୁସି ରହିବାକୁ ଚେଷ୍ଟା କରନ୍ତୁ । ଶୁକ୍ର, ଶନିବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ନିବିଡ଼ତା ଦେଖାଦେବ । ଆତ୍ମବିଶ୍ୱାସ ସହ କାର୍ଯ୍ୟ କରି ସୁଫଳ ପାଇବେ ।

**କୁମ୍ଭ** - ରବି, ସୋମ, ମଙ୍ଗଳବାରରେ ଅଜଣା ବ୍ୟକ୍ତି ନିଜର ହୋଇପାରନ୍ତି । ଧର୍ମାଦି କାର୍ଯ୍ୟରେ ମନ ରହିବ । ବୁଧ, ଗୁରୁବାରରେ ସମସ୍ୟାର ସମାଧାନ କରିବାରେ ସଫଳ ହେବେ । ଶୁକ୍ର, ଶନିବାରରେ ସ୍ୱାର୍ଥପର ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ ।

**ମୀନ** - ରବି, ସୋମ, ମଙ୍ଗଳବାରରେ ସନ୍ତାନସନ୍ତତିଙ୍କ ପାଇଁ ଚିନ୍ତିତ ରହିବେ । କର୍ମକ୍ଷେତ୍ରରେ ଉତ୍ସାହର ସହ କାର୍ଯ୍ୟ କରନ୍ତୁ । ବୁଧ, ଗୁରୁବାରରେ ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ । ଶୁକ୍ର, ଶନିବାରରେ ନିଜ ଇଚ୍ଛାରେ କାର୍ଯ୍ୟ କରିବାକୁ ପସନ୍ଦ କରିବେ । ବ୍ୟବସାୟ ଲାଭଜନକ ରହିବ । ■